# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

ODIA

*India's National Spiritual Newspaper*

₹ 10/-

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIA, ASSAMESE, PUNJABI, NEPALI, URDU, SINHALA & AFRIKAANS

ECHO OF HIS CALL ESTD: 1969

**Editor : S. SAM SELVA RAJ** | **16 Languages** | **Associate Editor : Sis. Surama Samuel**

**Vol. XX** | **YEAR OF OUR LORD JESUS CHRIST, 2018 NOVEMBER** | **No. 12**


## ପବିତ୍ର ବାଇବଲ

(ଦୟାକରି ଏହି ଅଂଶଟିକୁ ମୁଖସ୍ଥ କରନ୍ତୁ)

ସଦାପ୍ରଭୁଙ୍କର ପ୍ରଶଂସା କର !

**(ଗୀତସଂହିତା ୧୬:୧-୮)**

୧. ହେ ପରମେଶ୍ୱର, ମୋତେ ରକ୍ଷାକର; କାରଣ ମୁଁ ତୁମ୍ଭର ଶରଣାଗତ ଅଟେ ।

୨. ମୁଁ ସଦାପ୍ରଭୁଙ୍କୁ କହିଅଛି, ତୁମ୍ଭେ ମୋହର ପ୍ରଭୁ, ତୁମ୍ଭ ବିନା ମୋହାର କୌଣସି ମଙ୍ଗଳ ନାହିଁ ।

୩. ପୃଥିବୀରେ ଯେଉଁ ପବିତ୍ର ଲୋକମାନେ ଅଛନ୍ତି, ସେମାନେ ଆଦରଣୀୟ, ସେମାନଙ୍କଠାରେ ମୋହର ପରମ ସନ୍ତୋଷ।

୪. ଯେଉଁମାନେ ସଦାପ୍ରଭୁଙ୍କ ପରିବର୍ତ୍ତରେ ଅନ୍ୟ ଦେବତାକୁ ଗ୍ରହଣ କରନ୍ତି, ସେମାନଙ୍କ ଦୁଃଖ ବଢ଼ିଯିବ । ସେମାନଙ୍କ ଦତ୍ତ ରକ୍ତର ପେୟ ନୈବେଦ୍ୟ ମୁଁ ଉତ୍ସର୍ଗ କରିବି ନାହିଁ, କି ଅବା ମୁଁ ସେମାନଙ୍କ ନାମ ଆପଣା ଓଷ୍ଠାଧରରେ ନେବି ନାହିଁ ।

୫. ସଦାପ୍ରଭୁ ମୋହର ଅଧିକାରର ଓ ପାନ ପାତ୍ରର ବାଣ୍ଟ ସ୍ୱରୂପ ତୁମ୍ଭେ ମୋହର ବାଣ୍ଟ ସ୍ଥିର କରୁଅଛ ।

୬. ମୋ ପାଇଁ ମାପିବା ଦଉଡି ମନୋହର ସ୍ଥାନରେ ପଡିଅଛି, ହଁ, ମୁଁ ଉତ୍ତମ ଅଧିକାର ପାଇଅଛି ।

୭. ମୁଁ ସଦାପ୍ରଭୁଙ୍କର ଧନ୍ୟବାଦ କରିବି, ସେ ମୋତେ ମନ୍ତ୍ରଣା ଦେଇଅଛନ୍ତି , ଆହୁରି, ରାତ୍ରିକାଳରେ ମୋହର ଚିତ୍ତ ମୋତେ ଉପଦେଶ ଦିଏ।

୮. ମୁଁ ସର୍ବଦା ସଦାପ୍ରଭୁଙ୍କୁ ଆପଣା ସମ୍ମୁଖରେ ରଖିଅଛି, ସେ ମୋହର ଦକ୍ଷିଣ ପାଖରେ ଥିବାରୁ ମୁଁ ବିଚଳିତ ହେବି ନାହିଁ ।

# ଭ୍ରାନ୍ତି ଅଧୀନସ୍ଥ ଲୋକମାନେ !

## ( PEOPLE UNDER DELUSION ! )

**"ହେ ଭାଇମାନେ,ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ଓ ତାହାଙ୍କ ନିକଟରେ ଆମ୍ଭମାନଙ୍କ ଏକତ୍ର ହେବା ସମ୍ବନ୍ଧରେ ତୁମ୍ଭ ମାନଙ୍କୁ ଅନୁରୋଧ କରୁଅଛୁ, ପ୍ରଭୁଙ୍କ ଦିନ ଉପସ୍ଥିତ ହେଲାଣି ବୋଲି ତୁମ୍ଭେମାନେ କୌଣସି ଆତ୍ମା କି ବାକ୍ୟ କି ଆମ୍ଭମାନଙ୍କ ଦ୍ୱାରା ଲିଖିତ ବୋଲି ମନେ କରି କୌଣସି ପତ୍ରଦ୍ୱାରା ଶୀଘ୍ର ବିଚଳିତ ଓ ଉଦ୍‌ବିଗ୍ନ ନ ହୁଅ ;**

**କେହି କୌଣସି ପ୍ରକାରେ ତୁମ୍ଭମାନଙ୍କର ଭ୍ରାନ୍ତି ଓ ଜନ୍ମାଉ, କାରଣ ପ୍ରଥମେ ଧର୍ମଚ୍ୟୁତି ଘଟିବ, ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ, ନ ହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ନାହିଁ ।"**(୨ଥେସଲନୀକୀୟ ୨:୧-୩)

ଏଠାରେ ପାଉଲ ଉଲ୍ଲେଖ କରିଥିବା "ପ୍ରଭୁଙ୍କଦିନ" ଅନ୍ତିମ ବିଚାରର ଦିନ ବୋଲି କେତେମ ଧର୍ମତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି । କିନ୍ତୁ, ଅଧିକାଂଶ ବିଦ୍ୱାନ୍‌ଙ୍କ ସହିତ ମୁଁ ବିଶ୍ୱାସ କରେ ଯେ ପାଉଲ ଏଠାରେ ଖ୍ରୀଷ୍ଟଙ୍କର ଦ୍ୱିତୀୟ ଆଗମନ ବିଷୟରେ କହୁଛନ୍ତି । ପୁଣି ପାଉଲ ଏହା ମଧ କହିଛନ୍ତି ଯେ ଦୁଇଟି ଘଟଣା ନ ଘଟିବା ପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କର ପ୍ରତ୍ୟାବର୍ତ୍ତନ ସଂଘଟିତ ହେବନାହିଁ :

୧. ଗୋଟିଏ ବଡ଼ ଧର୍ମଚ୍ୟୁତି ଘଟିବ। ଯେଉଁମାନେ ଦିନେ ଈଶ୍ୱରଙ୍କୁ ଜାଣିଥିଲେ, ସେହିପରି ଅନେକ ଲୋକ ସେମାନେ ଜାଣିଥିବା ସୁସମାଚାର ସମ୍ବନ୍ଧୀୟ ସତ୍ୟରୁ ଦୂରେଇଯିବେ ।

୨. ଖ୍ରୀଷ୍ଟାରି, କିମ୍ବା ଅଧର୍ମ ପୁରୁଷ "ପ୍ରକାଶିତ ହେବ।"

ପ୍ରତ୍ୟେକ ଯୀଶୁପ୍ରେମୀ ନିକଟରେ ଏହା ସ୍ପଷ୍ଟ ହେବା ଉଚିତ୍ ଯେ ଏକ "ଧର୍ମଚ୍ୟୁତି" ଘଟିସାରିଲାଣି । ବିଗତ କିଛି ଦଶନ୍ଧି ଧରି ଅନେକ ବିଶ୍ୱାସୀ ତଥା ଖ୍ରୀଷ୍ଟିଆନ ଈଶ୍ୱରଙ୍କ ପ୍ରତି ସେମାନଙ୍କ ପ୍ରେମରେ ଶିଥୀଳ ହୋଇ ଯାଇଛନ୍ତି । ତାହାକୁ ମନରେ ରଖି, ମୁଁ ପାଉଲଙ୍କର ଦ୍ୱିତୀୟ ବିଷୟ ଉପରେ ଦୃଷ୍ଟି ନିବଦ୍ଧ କରିବାକୁ ଚାହିଁ.... "ଅଧର୍ମ ପୁରୁଷ ପ୍ରକାଶିତ" ନ ହେବା ପର୍ଯ୍ୟନ୍ତ ପ୍ରଭୁ ଆଗମନ କରିବେ ନାହିଁ ।

ପାଉଲ ଏହି ପଦ ଦ୍ୱାରା "ସଠିକ୍ ଭାବରେ" କେଉଁ ବିଷୟ ସୂଚାଉଅଛନ୍ତି ? ଖ୍ରୀଷ୍ଟାରି, ଏକ ଜାଗତିକ ଶାସକ ଭାବରେ ସିଂହାସନରେ ନ ବସିବା ପର୍ଯ୍ୟନ୍ତ ଓ ଆମେ ସମସ୍ତେ ତାର ପରିଚୟ ନ ଜାଣିବା ପର୍ଯ୍ୟନ୍ତ ପ୍ରଭୁ ଯୀଶୁ ପ୍ରତ୍ୟାବର୍ତ୍ତନ କରିବେ ନାହିଁ ବୋଲି ସେ କହୁଅଛନ୍ତି କି ? ମୁଁ ସେପରି ଭାବୁ ନାହିଁ । ପାଉଲ ଏହା ଜାଣିଥିଲେ ଯେ ଖ୍ରୀଷ୍ଟ ଯେ କୌଣସି ମୁହୂର୍ତ୍ତରେ ଆସିପାରନ୍ତି । ପ୍ରଭୁ ଯୀଶୁ ନିଜେ କହିଛନ୍ତି ଯେ ଯେତେବେଳେ କେହି ଆଶା କରୁନଥିବେ, ସେତେବେଳେ ସେ ଚକ୍ଷୁର ପଲକ ମାତ୍ରେ ଆଗମନ କରିବେ ।

ମୁଁ ବିଶ୍ୱାସ କରୁଛି, ଆମେ ପାଉଲଙ୍କ "ପ୍ରକାଶିତ" ଶବ୍ଦର ବ୍ୟବହାରରେ ତାଙ୍କ କଥାର ଅର୍ଥ ପାଉ । ଏଠାରେ ଗ୍ରୀକ୍ ଶବ୍ଦର ଅର୍ଥ "ଅନାଚ୍ଛାଦିତ କରିବା" ମୁଁ ବିଶ୍ୱାସ କରେ ଯେ

*(ଅବଶିଷ୍ଟାଂଶ ତୃତୀୟ ପୃଷ୍ଠାରେ)*

*Touching Lives by Teaching.....Since 1969.*

# ଆହ୍ୱାନର ପ୍ରତିଧ୍ୱନି

PUBLISHED MONTHLY IN - ENGLISH, TAMIL, MALAYALAM, TELUGU, HINDI , MARATHI, KANNADA, BENGALI, GUJARATI, ODIYA, NEPALI, ASSAMESE, PUNJABI, URDU, SINHALA & AFRIKAANS




## ସଂପାଦକୀୟ



**"କାରଣ ସେଦିନ ନିକଟ ବର୍ତ୍ତୀ; ହଁ, ସଦାପ୍ରଭୁଙ୍କର ଦିନ ନିକଟବର୍ତ୍ତୀ, ସେଦିନ ମେଘାଚ୍ଛନ୍ନ ଦିନ; ତାହା ଅନ୍ୟଦେଶୀୟମାନଙ୍କର କାଳ ହେବ" (ଯିହିଜିକଲ୍ ୩୦:୩)।**

ଖ୍ରୀଷ୍ଟରେ ପ୍ରିୟ ବନ୍ଧୁଗଣ,

ଜଗତର ତ୍ରାଣକର୍ତ୍ତା, ଯୀଶୁଖ୍ରୀଷ୍ଟଙ୍କର ଆତୁଳନୀୟ ନାମରେ ଆପଣମାନଙ୍କୁ ଆମର ପ୍ରେମପୂର୍ଣ୍ଣ ଅଭିବାଦନ।

ଆମେ ଜାଣୁଯେ ଆପଣମାନଙ୍କ ମଧ୍ୟରୁ ଅନେକ ଏହି ମାସିକ ପତ୍ରିକାକୁ ଆଗ୍ରହର ସହିତ ଅପେକ୍ଷା କରନ୍ତି । ଆମେ ଏହା ମଧ ଜାଣୁ ଯେ ଆପଣମାନେ ସମସ୍ତେ ଏହି ପତ୍ରିକା ମାଧମରେ ସମଗ୍ର ମାସ ପାଇଁ ଆତ୍ମିକ ମାନ୍ନା ପାଇଛନ୍ତି । ଆମେ ଇଂରାଜୀ,ତାମିଲ, ମାଲାୟାଲାମ୍, ତେଲୁଗୁ, ହିନ୍ଦୀ, କନ୍ନଡ଼, ମରାଠି, ଆସାମୀ, ବଙ୍ଗାଳୀ, ଉର୍ଦ୍ଦୁ, ଗୁଜୁରାଟୀ, ନେପାଳି, ଓଡିଆ, ପଞ୍ଜାବୀ, ସିଂହଳୀ, ଓ ଆଫ୍ରିକୀୟ ଭାଷାବାଦୀ ଲୋକମାନଙ୍କଠାରୁ ଫୋନ୍ ଏସ୍.ଏମ୍.ଏସ୍. ବାର୍ତ୍ତା ଓ ଇ-ମେଲ ପତ୍ର ମାଧମରେ ଏହାକହୁଥିବାରୁ ଶୁଣୁଯେ ସେମାନେ ଆତ୍ମିକଭାବରେ ଆଶୀର୍ବାଦ ପାଇଛନ୍ତି । ଏଥିରୁ ଆମେ ବୁଝୁଯେ ଆମର ପତ୍ରିକା ଏହି ସମସ୍ତ ଲୋକଙ୍କ ପାଇଁ ଅତି ଦରକାରୀ ଅଟେ । ସେଥିପାଇଁ ଆମେ ରାତିଦିନପରିଶ୍ରମ କଲେ ସୁଦ୍ଧା ଓ ଆମର ଅର୍ଥନୈତିକ ସମସ୍ୟା , ରୋଗ,କର୍ମଚାରୀର ଅଭାବ, ସାମାଜିକ ଓ ରାଜନୈତିକ ପ୍ରତିକୂଳ ପରିସ୍ଥିତି ସହିତ ଯୁଦ୍ଧ କଲେ ସୁଦ୍ଧା, ଆମେ ନିରୁତ୍ସାହିତ ହେଉ ନାହୁଁ ।

ଆମେ ଏହା ଉପଲବ୍ଧି କରି ଦୁଃଖୀ ଅନୁଭବ କରୁ ଯେ ଈଶ୍ୱରଙ୍କର ଅନେକ ସନ୍ତାନ ଜାଗତିକ ଉନ୍ନତି , ଜାଗତିକ ସୁଖ ଓ ଆମୋଦପ୍ରମୋଦ, ଓ ପାରିବାରିକ ଉତ୍ସବ, ଇତ୍ୟାଦିରେ ଜଡିତ ରହୁଥିବାରୁ ଓ ସେହି ଦିଗରେ କାର୍ଯ୍ୟ କରୁଥିବାରୁ , ସେମାନେ ପ୍ରଭୁଙ୍କ ସେବାକାର୍ଯ୍ୟରେ ଅଗ୍ରହ ଦେଖାନ୍ତି ନାହିଁ କିମ୍ବା ସେଥିରେ ଜଡିତ ହୁଅନ୍ତି ନାହିଁ । ମାତ୍ର ଆମେ ବିଗତ ୫୦ ବର୍ଷ ଧରି ଅବିଶ୍ରାନ୍ତ ଭାବେ କରୁଥିବା ଆମର କଠିନ ପରିଶ୍ରମର ଫଳ ଦେଖିବା ପାଇଁ ସମର୍ଥ ଅଟୁ । ଆମେ ଆଦୌ ଦାୟିତ୍ୱହୀନ ନଥିଲୁ ଓ ପ୍ରଭୁଙ୍କ ସ୍ୱର କିମ୍ବା ଇଚ୍ଛା ପ୍ରତି ଅବହେଳା ଦେଖାଇନଥିଲୁ । ଯଦିଓ ବର୍ତ୍ତମାନ ସମୟରେ ନୀତି ଓ ନିୟମ ଗୁଡିକ ଲୋକମାନଙ୍କ ନିକଟରେ ସତ୍ୟ ପ୍ରକାଶ କରିବାରେ ଆମକୁ ବାଧା ଦିଏ , ତଥାପି ଆମେ ଅଗ୍ରସର ହେଉଅଛୁ ।

ପୃଥିବୀର ଅନେକ ଦେଶ ଏପରି କେତେକ ଜୀବନଶୈଳୀକୁ ଅନୁମୋଦନ କରି କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି, ଯେଉଁ ଗୁଡିକ ପବିତ୍ର ବାଇବଲ ଦ୍ୱାରା ଅଗ୍ରାହ୍ୟ ଅଟେ । ବାଇବଲ "ସମଲିଙ୍ଗୀ ଯୌନଚାର"କୁ ଈଶ୍ୱରଙ୍କ ଦୃଷ୍ଟିରେ ଏକ ଘୃଣ୍ୟ ବିଷୟ ବୋଲି କହୁଥିବା ସମୟରେ , ଏହି ପ୍ରକାର ପ୍ରକାଶ୍ୟ ଭାବରେ ଅଲୋଚନା କରାଯାଇ ପାରୁନଥିବା କାର୍ଯ୍ୟ ଗୁଡିକୁ ଆମ ଦେଶ ଭାରତ ସମେତ ଅନେକ ଦେଶ ଗ୍ରହଣ କରିଛନ୍ତି । ଭାରତରେ ଥିବା ଈଶ୍ୱରଙ୍କ ଲୋକମାନେ, "ବିବାହ ବହିର୍ଭୁତ ଯୌନାକାର ଏକ ଅପରାଧନୁହେଁ" ବୋଲି ପ୍ରକାଶ ପାଇଥିବା ବର୍ତ୍ତମାନ ରାୟ ଯୋଗୁଁ ଅସହ୍ୟ ଦୁଃଖୀ ଅନୁଭବ କରୁଛନ୍ତି ।

ଏହା ଉତ୍ତମ ଅଟେ ଯେ ଆଜିର ପାଳକ ଓ ମଣ୍ଡଳୀଗୁଡିକ ଏହି ସବୁ ବିଷୟରେ ଆଲୋଚନା କରୁନାହାନ୍ତି , ମାତ୍ର ଆମେ ସେଗୁଡିକ ଅଣଦେଖା କରିବା ଓ ଏହି ରାୟଗୁଡିକ ଉପରେ କୌଣସି ଗୁରୁତ୍ୱ ନ ଦେବା ଉଚିତ୍ । ଆମେ ଏହି ପରି ବିଷୟ ଗୁଡିକ ସମ୍ବନ୍ଧରେ ଆଲୋଚନା କରିବା ଦ୍ୱାରା ଈଶ୍ୱରଙ୍କ ଲୋକମାନଙ୍କ ମଧ୍ୟରେ ସେଗୁଡିକର ବିଜ୍ଞାପନ ଦେବା ଅନୁଚିତ । ଆଜିର ପରିସ୍ଥିତିରେ ଏହା ଈଶ୍ୱରଙ୍କ ଲୋକମାନଙ୍କର କର୍ତ୍ତବ୍ୟ ଅଟେ । ଈଶ୍ୱର ଏହି ପରିସ୍ଥିତି ଗୁଡିକୁ ପରିବର୍ତ୍ତନ କରିବେ । ତାମିଲ୍‌ରେ ଗୋଟିଏ ନୀତି ବାକ୍ୟ ଅଛି, "ଡକାୟତି ଶିକ୍ଷାକର ଓ ଭୁଲିଯାଅ।" ମାତ୍ର ଆମେ ୧ କରିନ୍ଥୀୟ ୨:୨ରେ ପାଠକରୁ, "...ଯୀଶୁଖ୍ରୀଷ୍ଟ, ଅର୍ଥାତ୍ , କ୍ରୁଶରେ ହତ ଯୀଶୁ ଖ୍ରୀଷ୍ଟଙ୍କ ବିନା ତୁମ୍ଭମାନଙ୍କ ମଧ୍ୟରେ ଆଉ କୌଣସି ବିଷୟ ନ ଜାଣିବାକୁ ମୁଁ ମନସ୍ଥ କଲି।" ୧ କରିନ୍ଥୀୟ ୧୦:୧-୧୨ରେ ଆମେ ପାଠ କରୁ, "କାରଣ ହେ ଭାଇମାନେ, ଆମ୍ଭମାନଙ୍କ ପିତୃ ପୁରୁଷ ସମସ୍ତେ ମେଘ ତଳେ ଥିଲେ, ଆଉ ସମସ୍ତେ ସମୁଦ୍ର ମଧ୍ୟଦେଇ ଗମନ କଲେ, ପୁଣି ସମସ୍ତେ ମେଘ ଓ ସମୁଦ୍ରରେ ମୋଶାଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହେଲେ, ଆଉ ସମସ୍ତେ ଏକ ପାରମାର୍ଥିକ ଖାଦ୍ୟ ଭୋଜନ କଲେ, ଓ ସମସ୍ତେ ଏକ ପାରମାର୍ଥିକ ପେୟ ପାନ କଲେ (ଯେଣୁ ସେମାନେ ସେମାନଙ୍କ ଅନୁବର୍ତ୍ତୀ ପାରମାର୍ଥିକ ଶୈଳରୁ ପାନ କରୁଥିଲେ, ଆଉ ସେହି ଶୈଳ ଖ୍ରୀଷ୍ଟ), ତଥାପି

**CHIEF EDITORS**
Pastor S. Sam Selva Raj
Angeline Selvakumari Henry, M.A., M.Ed.
**MANAGING EDITOR**
Pastor Alex Samson Sam, B.Th., M.Div.
**ADMINISTRATION**
Bro. N. Prakasam, M.A., General Manager
**EDITORIAL BOARD**
Sis. Jesy Veena Sam
Bro. M. Paulraj, M.A., B.Ed.
Sis. Serena Bevin, M.A., M. Phil., B.Ed.
Bro. J. R. Jayabalan
**ADVISORY BOARD**
Bro. N. Balaji, B.Com., B.L.
Dr. S. Rabinder Boaz, M.S.
Er. C.G.S. Baburao, B.Tech., M.Tech. (DM)
Dr. D. Dhaya Devadas
Bro. Jose Abraham
Bro. K. Puratchivendan, M.Com., B.L.
Bro. Thomas T. Jacob, B.Com., B.L.
**PUBLISHER & PRINTER**
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+91-44) 2852 8282
2852 9293, 2854 7766
Email : sam@echoofhiscall.org
biblecor@yahoo.co.in
Websites :
www.echoofhiscall.org
www.echoofhiscall.com

**Our Ministries:** ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners Village English High School Crusades 24 Hour Prayer Ministry Community Development

ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କଠାରେ ଈଶ୍ୱରଙ୍କ ସନ୍ତୋଷ ନଥିଲା, ତେଣୁ ସେମାନେ ପ୍ରାନ୍ତରରେ ମଲେ, ଏ ସମସ୍ତ କଥା ଯେ ତୁମ୍ଭେମାନେ ଅଜ୍ଞାତ ଥାଅ, ଏହା ମୋହର ଇଚ୍ଛା ନୁହେଁ । ସେମାନେ ଯେ ପ୍ରକାରେ ମନ୍ଦ ବିଷୟରେ ଅଭିଳାଷୀ ହୋଇଥିଲେ , ଆମ୍ଭେମାନେ ଯେପରି ସେ ପକ୍ରାରେ ଅଭିଳାଷୀ ନହେଉ, ଏଥି ନିମନ୍ତେ ଏହି ସମସ୍ତ ବିଷୟ ଆମ୍ଭମାନଙ୍କ ପକ୍ଷରେ ଦୃଷ୍ଟାନ୍ତ ସ୍ୱରୂପ ହୋଇଅଛି । ଯେପରି ସେମାନଙ୍କ ମଧ୍ୟରେ କେତେକ ପ୍ରତିମା ପୂଜକ ହେଲେ, ସେପରି ତୁମ୍ଭେମାନେ ପ୍ରତିମା ପୂଜକ ହୁଅନାହିଁ । ଯେପରି ଲେଖାଅଛି; "ଲୋକମାନେ ଭୋଜନପାନ କରିବାକୁ ବସିଲେ, ଆଉ ନୃତ୍ୟ କରିବାକୁ ଉଠିଲେ । ଯେପରି ସେମାନଙ୍କ ମଧ୍ୟରେ କେତେକ ବ୍ୟଭିଚାର କରି ଏକ ଦିନରେ ତେଇଶ ହଜାର ମରିଗଲେ, ସେପରି ଆମ୍ଭେମାନେ ବ୍ୟଭିଚାର ନକରୁ । ଯେପରି ସେମାନଙ୍କ ମଧ୍ୟରେ କେତେକ ପ୍ରଭୁଙ୍କୁ ପରୀକ୍ଷା କରି ସର୍ପଦ୍ୱାରା ବିନଷ୍ଟ ହେଲେ, ସେପରି ଆମ୍ଭେମାନେ ପ୍ରଭୁଙ୍କୁ ପରୀକ୍ଷା ନ କରୁ । ଯେପରି ସେମାନଙ୍କ ମଧ୍ୟରେ କେତେକ ଲୋକ ବଚସା କରି ସଂହାରକ ଦ୍ୱାରା ବିନଷ୍ଟ ହେଲେ, ସେପରି ତୁମ୍ଭେମାନେ ବଚସା କର ନାହିଁ । ଏହି ମସ୍ତ ଦୃଷ୍ଟାନ୍ତ ସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖା ଯାଇଅଛି । ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ , ସେ ଯେପରି ପତିତ ନହୁଏ, ଏଥି ନିମନ୍ତେ ସେ ସାବଧାନ ହେଉ ।"

ଆମେ ଏଫିସୀୟ ୫:୩-୮ରେ ମଧ ପାଠ କରୁ, "କିନ୍ତୁ ବ୍ୟଭିଚାର, ସମସ୍ତ ପ୍ରକାର ଅଶୁଚିତା, କିମ୍ବା ଲୋଭ, ଏହିସବୁ ନାମରେ ସୁଦ୍ଧା ତୁମ୍ଭମାନଙ୍କ ମଧ୍ୟରେ ସ୍ଥାନ ନ ପାଉ, ତାହା ସାଧୁମାନଙ୍କ ପକ୍ଷରେ ଅନୁଚିତ୍ ; ପୁଣି ଯାହାଯାହା ଅନୁପଯୁକ୍ତ, ଏପରି କୁତ୍ସିତ ବ୍ୟବହାର କିମ୍ବା ଅସାର କଥା କିମ୍ବା ହାସ୍ୟ ପରିହାସ ତୁମ୍ଭେମାନଙ୍କ ମଧ୍ୟରେ ନ ହେଉ, ବରଂ ଧନ୍ୟବାଦ ଦିଆଯାଉ । କାରଣ ତୁମ୍ଭେମାନେ ନିଷ୍ଚୟରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ କିମ୍ବା ଅଶୁଦ୍ଧାଚାରୀ ବ୍ୟକ୍ତି କିମ୍ବା ଲୋଭୀ ସେତ ଦେବ ପୂଜକ ଏମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କ ରାଜ୍ୟରେ ଅଧିକାର ନାହିଁ ।"

ବାଇବଲ ଯେପରି କହେ, ସେହିପରି ସମଗ୍ର ଜଗତ ସଂସାର ଓ ଶୟତାନ ଅଧୀନକୁ ଆସିଅଛି । ଏପରିକି ଜ୍ଞାନୀ ଓ ଶିକ୍ଷିତ ଲୋକମାନେ ମଧ୍ୟ ଦକ୍ଷିଣ ଓ ବାମ ହସ୍ତ ମଧ୍ୟରେ ପ୍ରଭେଦ ଜାଣି ନଥିବା ଶିଶୁମାନଙ୍କ ଭଳି ଚିର ପ୍ରଜ୍ୱଳିତ ଅଗ୍ନିମୟ ହ୍ରଦ ମଧ୍ୟକୁ ଯାଉଛନ୍ତି ।

ଈଶ୍ୱରଙ୍କ ଲୋକମାନଙ୍କର ସଂପୂର୍ଣ୍ଣ ହୃଦୟ ସହିତ ସମର୍ପଣ ହିଁ ଏକମାତ୍ର ଉପାୟ ଅଟେ

ଆଜିର ମଣ୍ଡଳୀ ଗୁଡିକ ଏହି ବଡ଼ ବିପଦରୁ ସମଗ୍ର ଜଗତକୁ ଉଦ୍ଧାର କରବା ପରିବର୍ତ୍ତେ, ସେମାନଙ୍କ ନିଜସ୍ୱ ରାଜ୍ୟର ନିର୍ମାଣ ଉପରେ ମନୋଯୋଗୀ ହେଉଛନ୍ତି । ଆଜିର ମଣ୍ଡଳୀ ଗୁଡିକ ଉଚ୍ଚ ମୀନାର ନିର୍ମାଣ କରିବାର, ଯଥା ସମ୍ଭବ ଧନ ଗଦା କରିବାର ଓ ଅନ୍ୟମଣ୍ଡଳୀ ଗୁଡିକରୁ ନିଜ ନିଜ ମଣ୍ଡଳୀ ମଧ୍ୟକୁ ବିଶ୍ୱାସୀମାନଙ୍କୁ ଟାଣି ଆଣିବାର ଲକ୍ଷ୍ୟ ରଖିଛନ୍ତି ।ଏହା ଲକ୍ଷ୍ୟ କରିବା କ'ଣ ଦୁଃଖଦାୟକ ନୁହେଁ ଯେ ଏହି ମଣ୍ଡଳୀ ଗୁଡିକ ଏହି ବିଷୟ ଗୁଡିକ ଉପରେ କେବଳ ଅତି ଗୁରୁତ୍ୱ ଦେଉ ନାହାଁନ୍ତି, ମାତ୍ର ସେଗୁଡିକ ଏହିପରି ଜାଗତିକ ବିଷୟ ଗୁଡିକରେ ଓ ଗୋଟିଏ ମଣ୍ଡଳୀରୁ ସେମାନଙ୍କ ମଣ୍ଡଳୀକୁ ବିଶ୍ୱାସୀମାନଙ୍କୁ ଚୋରି କରି ଆଣିବାରେ ତାଲିମ ଦେଉଛନ୍ତି ଓ ଯୋଜନା ମଧ ପ୍ରସ୍ତୁତ କରୁଛନ୍ତି ? କେବଳ ମଣ୍ଡଳୀ ଲୋକମାନଙ୍କୁ ଏକତ୍ର ସହଭାଗିତା ମଧ୍ୟକୁ ଆଣି ପାରିବ । ଈଶ୍ୱରଙ୍କ ପ୍ରତ୍ୟେକ ସନ୍ତାନ ଅନୁତାପ କରି ଦେଶଗୁଡିକରେ ସୁସମାଚାର ପ୍ରଚାର ନିମନ୍ତେ ଆଗକୁ ଆସିବା ଉଚିତ୍ । ଦେଶ ମଧ୍ୟରେ ଗୋଟିଏ ଆଶ୍ଚର୍ଯ୍ୟ ଓ ଭୟାନକ ବିଷୟ ଘଟିଅଛି; ଭବିଷ୍ୟଦ୍ ବକ୍ତାମାନେ ମିଥ୍ୟ ଭବିଷ୍ୟଦ୍ ବାକ୍ୟ ପ୍ରଚାର କରନ୍ତି ଓ ସେମାନଙ୍କ ଦ୍ୱାରା ଯାଜକମାନେ କର୍ତ୍ତୃତ୍ୱ କରନ୍ତି; ପୁଣି ଆମ୍ଭର ଲୋକମାନେ ଏପରି ହେବାର ଭଲ ପାଆନ୍ତି ; ମାତ୍ର ତହିଁର ଶେଷରେ ତୁମ୍ଭେମାନେ କଅଣ କରିବ ?" (ଯିରିମିୟ୫:୩୦,୩୧) ।

"...ମୋନଙ୍କର କ୍ଷୁଦ୍ରଠାରୁ ଅତ୍ୟନ୍ତ ମହାନ୍ ଲୋକ ପର୍ଯ୍ୟନ୍ତ ପ୍ରତ୍ୟେକେ ଲୋଭାସକ୍ତ; ପୁଣି, ଭବିଷ୍ୟଦ୍‌ବକ୍ତାଠାରୁ ଯାଜକ କର୍ଯ୍ୟନ୍ତ ପ୍ରତ୍ୟେକେ ମିଥ୍ୟାଚରଣ କରନ୍ତି । ଆହୁରି, ଶାନ୍ତି ନଥିଲେହେଁ ସେମାନେ ଶାନ୍ତି ଶାନ୍ତି ବୋଲି କହି ଆମ୍ଭ ଲୋକମାନଙ୍କ କ୍ଷତ ହାଲୁକାଭାବରେ ସୁସ୍ଥ କରିଅଛନ୍ତି । ... ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ପଥ ମାନର ମଧ୍ୟରେ ଠିଆ ହୋଇ ଦେଖ, ଆଉ ପୁରାତନ ପଥମାନର ବିଷୟ ପଚାରି ବୁଝ, ଉତ୍ତର ପଥ କାହିଁ ? ଓ ତହିଁରେ ଗମନ କର; ତେବେ ତୁମ୍ଭେମାନେ ଆପଣା ଆପଣାପ୍ରାଣରେ ବିଶ୍ରାମ ପାଇବ; ମାତ୍ର ସେମାନେ କହିଲେ, ଆମ୍ଭେମାନେ ତହିଁରେ ଗମନ କରିବା ନାହିଁ" (ଯିରିମିୟ ୬:୧୩,୧୪,୧୬) ।

ଈଶ୍ୱରଙ୍କ ପ୍ରିୟ ସନ୍ତାନମାନେ, ଅତି ଶୀଘ୍ର ପ୍ରଭୁଙ୍କର ଦଣ୍ଡ ଆସୁଅଛି । ଏହାଭୟାବହ ହେବ ! ସେଥି ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ! ଜାଗ୍ରତ ରହନ୍ତୁ ! ପ୍ରତାରିତ ହୁଅନ୍ତୁ ନାହିଁ । ଜଗତରେ ସୁସମାଚାର ପ୍ରଚାର କରିବା ଆମର ଏକମାତ୍ର ବୋଝ ହେଉ । ଆମ ଦେଶର ପ୍ରତ୍ୟେକ ଲୋକ ଯୀଶୁ ଖ୍ରୀଷ୍ଟଙ୍କ ମାନରେ ଉପାସନା କରିବା ଆବଶ୍ୟକ ଅଟେ ।

"ହେ ପ୍ରଭୁ, ସୁସମାଚାର ପ୍ରଚାର ମୋର ଏମାତ୍ର ବୋଝ ହେଉ ! ଆପଣଙ୍କର ନାମ ମୋ ଦେଶରେ ଘୋଷିତ ହେଉ !" ଏହାହିଁ ଆପଣଙ୍କ ହୃଦୟର ବାସ୍ତବ ବୋଝ ହେବା ଉଚିତ୍ । ଏକମାତ୍ର ଜୀବନ ଏହା ଅତି ଶୀଘ୍ର ଅତିକ୍ରାନ୍ତ ହେବ । ଆପଣ ଈଶ୍ୱରଙ୍କ ପାଇଁ ଯାହା କରିବେ, କେବଳ ତାହା ସ୍ଥାୟୀ ହେବ ।

ଆମେ ଆପମାନଙ୍କର ଉତ୍ତର ଅପେକ୍ଷା କରୁଛୁ ଓ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଅଛୁ । ଦୟାକରି ଆମ ପାଇଁ ପ୍ରାର୍ଥନା କରନ୍ତୁ ।

ଖ୍ରୀଷ୍ଟ ଯୀଶୁରେ ଆପଣଙ୍କର ସେବକ,
- ଏସ୍.ସାମ୍,ସେଲଭାରାଜ୍ -

● ● ●

---

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ପାଉଲ କହୁଛନ୍ତି, "ଖ୍ରୀଷ୍ଟାରିର ସଂପୂର୍ଣ୍ଣ ଯୋଜନା ଓ କାର୍ଯ୍ୟକ୍ରମ ଉନ୍ମୋଚିତ ନ ହେବା ପର୍ଯ୍ୟନ୍ତ ଓ ମଣ୍ଡଳୀ ଏ ବିଷୟରେ ନ ଜାଣିବା ପର୍ଯ୍ୟନ୍ତ ପ୍ରଭୁ ଯୀଶୁ ଆଗମନ କରିବେ ନାହିଁ ।"

ଅବଶ୍ୟ, ଖ୍ରୀଷ୍ଟାରିର ଯୋଜନା ଧର୍ମଶାସ୍ତ୍ରରେ ପ୍ରକାଶିତ ହୋଇ ସାରିଛି । ପାଉଲ ଘୋଷଣା କରିଛନ୍ତି "ଅଧର୍ମର ନିଗୂଢ଼ତତ୍ତ୍ୱ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଅଛି....." (୨ ଥେସଲନୀକୀୟ ୨:୭) । ସେ କହୁଛନ୍ତି ଯେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ କରୁଥିବା ଗୋଟିଏ ପ୍ରକାର ରହସ୍ୟ ଜନକ ପାପ ଖ୍ରୀଷ୍ଟାରିଠାରେ ଆରମ୍ଭ ହେବ । ବୋଧହୁଏ , ଏକ ଅଧର୍ମ ମନୋଭାବ ବିନାଶ ପ୍ରାପ୍ତ ମନୁଷ୍ୟ ଜାତି ଉପରେ ପତିତ ହେବ ଓ ଲୋକମାନଙ୍କ ହୃଦୟକୁ ଏପରି ଜୋରରେ ଧରିବ ଯେ ଅଧର୍ମ ପୁରୁଷ ଅତି ଶୀଘ୍ର କ୍ଷମତାକୁ ଆସିବ ।

ତଥାପି "ଅଧର୍ମର ନିଗୂଢ଼ ତତ୍ତ୍ୱ" ପଦଟିର ଅନ୍ୟ ଏକ ଅର୍ଥ ଅଛି । ଏହା ଏକ ଗ୍ରୀକ୍ ଶବ୍ଦରୁ ଆସିଛି, ଯାହାର ଅର୍ଥ, "ନୀରବରେ ଆରମ୍ଭ ।" ପାଉଲ ଖ୍ରୀଷ୍ଟାରିର ଧର୍ମପଦ୍ଧତିର ଏକ ଗୁପ୍ତ ଆରମ୍ଭ ବିଷୟରେ କହୁଛନ୍ତି - ସେ ତାଙ୍କ ନିଜ ସମୟରେ ଏକ ଚତୁର, ଶୟତାନିକ ପ୍ରଭାବ ଘଟୁଥିବାର ଦେଖିଥିଲେ ।

ବର୍ତ୍ତମାନ, ଏହି ରହସ୍ୟମୟ ଆତ୍ମା ଅଧର୍ମ ପୁରୁଷକୁ ଗ୍ରହଣ କରିବା ପାଇଁ ଲୋକମାନଙ୍କୁ ପ୍ରସ୍ତୁତ କରୁ କରୁ ସଂପୂର୍ଣ୍ଣ ପ୍ରରୋଚନା ଦାୟକ ଶକ୍ତିରେ ରହିଛି । ପ୍ରତିଦିନ ହଜାର ହଜାର ଲୋକଙ୍କୁ ତାର ଦଳରେ ପ୍ରବେଶ କରାଇବା ପାଇଁ ନୀରବରେ ଓ ଗୁପ୍ତରେ ଅନୁପ୍ରାଣିତ କରା ଯାଉଛି । ପୁଣି ଏହି ଶୟତାନିକ କାର୍ଯ୍ୟ ଏତେ କ୍ଷିପ୍ରଭାବରେ ଓ ଏତେ ଦକ୍ଷଭାବରେ ଘଟୁଅଛି ଯେ ଅଧର୍ମ ପୁରୁଷର କ୍ଷମତାକୁ ଆସିବାରେ ଆଉ ବିଳମ୍ବ ନାହିଁ ।

ଆମେ ପ୍ରଭୁ ଯୀଶୁଙ୍କର ଆଗମନ ପୂର୍ବରୁ ଖ୍ରୀଷ୍ଟାରିର କିଛି ଶାରୀରୀକ ପ୍ରକାଶ ଦେଖିବା ଆବଶ୍ୟକ କରୁ ନାହୁଁ । ତାର ଶୟତାନିକ ଗୁଣ

ପ୍ରଭାବିତ ହୋଇ ସାରିଥିବା ହଜାର ହଜାର ବିଶ୍ୱାସୀଙ୍କଠାରେ ପ୍ରକାଶିତ ହୋଇ ସାରିଛି ।

## ପାଉଲ "ଅଧର୍ମର ନିଗୂଢ ତତ୍ତ୍ୱକୁ ସଂପୂର୍ଣ୍ଣ ଭାବରେ ବୁଝାଇଛନ୍ତି ।

ପାଉଲ କହିଛନ୍ତି , ନିଗୂଢ ତତ୍ତ୍ୱ କେବଳ ଏହା ଅଟେ; ଶୟତାନ ଲୋକମାନଙ୍କୁ ଗଭୀର ଆଜ୍ଞାଲଙ୍ଘଂନ ମଧ୍ୟକୁ ପ୍ରରୋଚିତ କରିବ ! ପାଉଲ ଏହି ଅନୁଚ୍ଛେଦରେ "ଅଧର୍ମ" ପାଇଁ ବ୍ୟବହାର କରିଥିବା ଗ୍ରୀକ୍ ଶବ୍ଦର ଆକ୍ଷରିକ ଅର୍ଥ "ଅରାଜକତା" କିମ୍ବା ଆଇନର ଅଭାବ । ସେଥିପାଇଁ, ନିଗୂଢ ତତ୍ତ୍ୱ ଅରାଜକତା ସମ୍ବନ୍ଧୀୟ ଅଟେ - ଅର୍ଥାତ୍, ଅସଂଖ୍ୟ ଲୋକ ଆଇନ କିମ୍ବା ପ୍ରତିବନ୍ଧକ ବିନା କାର୍ଯ୍ୟ କରିବେ ।

ତଥାପି, ଏହି ଆଇନ କିମ୍ବା ବ୍ୟବସ୍ଥାବିହୀନତା କେବଳ ମନୁଷ୍ୟର ରାଜତ୍ୱ ବିରୁଦ୍ଧରେ ବିଦ୍ରୋହ ସମ୍ବନ୍ଧୀୟ, କିମ୍ବା ଚୋରି, ବଳାତ୍କାର କିମ୍ବା ନରହତ୍ୟା ସମ୍ବନ୍ଧୀୟ ବିଷୟ ନୁହେଁ । ଏହି ସମସ୍ତ ବିଷୟ ଈଶ୍ୱରଙ୍କର କ୍ରୋଧ ଜନ୍ମାଏ । ମାତ୍ର ବ୍ୟବସ୍ଥା ବିହୀନତାର ନିଗୂଢତତ୍ତ୍ୱ ଆହୁରି ଗଭୀରକୁ ଯାଏ । ଏହା ଖ୍ରୀଷ୍ଟଙ୍କଠାରେ ଥିବା ସତ୍ୟତାର ଏକ ପ୍ରକାଶ୍ୟ ଅଗ୍ରାହ୍ୟ ଅଟେ - ଈଶ୍ୱରଙ୍କ ପବିତ୍ର ବାକ୍ୟ ଓ ଆଜ୍ଞାଗୁଡ଼ିକୁ ଦୂରେଇ ଦେବା ଅଟେ । ଏହା ପବିତ୍ର ଧର୍ମଶାସ୍ତ୍ରର ପ୍ରତିବନ୍ଧକ ବିରୁଦ୍ଧରେ ବିଦ୍ରୋହ ଅଟେ ।

ଏହି ବ୍ୟବସ୍ଥା ବିହୀନତାର ମନୋଭାବ ଆଜି ଆମ ଦେଶରେ ପ୍ରଚୁର ଅଟେ । ଏହା ଆମ ସମାଜରୁ ଈଶ୍ୱରଙ୍କୁ ବହିଷ୍କାର କରିବା ପାଇଁ ଚେଷ୍ଟା କରୁଥିବା ଆଇନ ଗୁଡିକ ପଛରେ ଥିବା ଶକ୍ତି ଅଟେ । ଶୟତାନ ହବାକୁ ପ୍ରତାରିତ କରିବା ପାଇଁ ଏହି ମନୋଭାବକୁ ବ୍ୟବହାର କରିଥିଲା । ସେ ବହୁଭାବରେ ତାଙ୍କୁ କହିଥିଲା, "ଈଶ୍ୱର ସହଜ ଅଟନ୍ତି । ତୁମେ ତାଙ୍କର ଅବାଧ ହେଲେ ମଧ୍ୟ ସେ ତୁମକୁ ଦଣ୍ଡ ଦେବେ ନାହିଁ । ତୁମେ ସେହି ଫଳ ଖାଇ ପାର ଓ ନିଜର ଲାଳସାରେ ଆସକ୍ତ ହୋଇପାର । ତମକୁ ଏଥିପାଇଁ କିଛି ପରିଶୋଧ କରିବାକୁ ପଡିବ ନାହିଁ ।"

ତାହା ନର୍କରୁ ଆଗତ ଗୋଟିଏ ମାରାତ୍ମକ ମିଥ୍ୟା ଥିଲା । ପୁଣି ଶୟତାନ ତାର ଅଧର୍ମର ନିଗୂଢ ତତ୍ତ୍ୱକୁ ଅଗ୍ରସର କରିବା ପାଇଁ ଆଜି ଖ୍ରୀଷ୍ଟିଆନମାନଙ୍କ ଉପରେ ସେହି ସମାନ ମିଥ୍ୟା ବ୍ୟବହାର କରୁଛି । ଦିନ ପରେ ଦିନ, ସେ ବିଶ୍ୱାସୀମାନଙ୍କୁ ଏହି ପ୍ରତ୍ୟ ଦେଉଅଛି ଯେ ସେମାନେ କୌଣସି "ଦଣ୍ଡ ମୂଲ୍ୟପରିଶୋଧ ନ କରି" ସେମାନଙ୍କ ପାପରେ ଆସକ୍ତ କରିପାରିବେ । ଏହା ଖ୍ରୀଷ୍ଟଙ୍କର ଅନୁଗ୍ରହର ସୁସମାଚାରକୁ ବିକୃତ କରି ଏହାକୁ ଏକ ଯୌନ କାମୁକତା ସମ୍ବନ୍ଧୀୟ ବାର୍ତ୍ତାରେ ପରିଣତ କରିବାପାଇଁ ଗୋଟିଏ ଶୟତାନିକ ଯୋଜନା ଅଟେ ।

ଦୁଃଖକର ବିଷୟ, ଅନେକ ଉଦାସୀନ ଖ୍ରୀଷ୍ଟିଆନ ଏହି ବ୍ୟବସ୍ଥା ବିହୀନ ମନୋଭାବରେ ବଶୀଭୂତ ହେଉଛନ୍ତି । କେତେକ ଖ୍ରୀଷ୍ଟାରିର ଧର୍ମ ପଦ୍ଧତି ମଧ୍ୟରେ ପ୍ରବେଶ କରିସାରିଛନ୍ତି । ଅଧର୍ମ ପୁରୁଷ ଅବିର୍ଭାବ ହୋଇ ଆଶ୍ଚର୍ଯ୍ୟକର୍ମ ସାଧନ କରିବା ଓ ସମସ୍ୟା ସମାଧାନ କରିବା ବେଳକୁ ସେମାନେ ତାକୁ ଗ୍ରହଣ କରିବାପାଇଁ ପରିପକ୍ୱ ହୋଇ ସାରିଥିବେ ।

ଆପଣ ହୁଏତ ଭାବିପାରନ୍ତି, "ମୁଁ ଖ୍ରୀଷ୍ଟଶରିକୁ ମୂର୍ଖ ଭଳି ଆଦୌ ଅନୁସରଣ କରିବି ନାହିଁ ।" ମାତ୍ର ପାଉଲ କହୁଛନ୍ତି ଯେ ଖ୍ରୀଷ୍ଟାରି କ୍ଷମତାକୁ ଆସିବ କାରଣ ଲୋକମାନେ ସେମାନଙ୍କ ନିଜସ୍ୱ ପାପରେ ଅନ୍ଧ ଓ ପ୍ରତାରିତ ହେବେ; "ଶୟତାନର ଶକ୍ତି ଅନୁସାରେ ସମସ୍ତ ପ୍ରକାର ମିଥ୍ୟା ଶକ୍ତି, ଚିହ୍ନ ଓ ଅଦ୍ଭୁତ କର୍ମ, ପୁଣି ବିନାଶପ୍ରାପ୍ତମାନଙ୍କ ନିକଟରେ ସମସ୍ତ ପ୍ରକାର ଅଧର୍ମର ଛଳନା ସହକାରେ ସେହି ଅଧର୍ମ ପୁରୁଷର ଆଗମନ ହେବ, କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହିନାହାନ୍ତି"(୨ ଥେସଲନୀକୀୟ ୨:୯-୧୦)।

ଶୟତାନ ଗୋଟିଏ ଚତୁର ଅଥଚ ଶକ୍ତି ପୂର୍ଣ୍ଣ ମିଥ୍ୟା ସମ୍ବନ୍ଧରେ ଲୋକମାନଙ୍କ ମନରେ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*


# ECHO OF HIS CALL

**Monthly magazines in 16 languages, Bible Colleges, Postal Courses, Church Planting, Village English High School, Gospel Printing Press, Crusades, Seminars, Social Services, etc.**

**Annual Subscription : Rs. 100/-     Life Subscription : Rs. 2000/-**

The multifarious activities of **Echo of His Call Ministry** is supported y the free-will offerings and donations of the God's children like you. You may support **Echo of His Call** and its activities as the Lord leads you. We need your help to send forth the Gospel to the unreached people and plant Churches.

If you would like to receive **ECHO OF HIS CALL** magazines regularly, please write to us. Whenever you change your postal or e-mail addresses, please do inform us your old and new addresses.

**Echo of His Call** is available in 16 languages in our websites also. You can read it by going into the site as well as downloading it and get blessed.

Your letters, prayer requests and your financial helps (by D.D., Cheque, M.O.etc.) to **ECHO OF HIS CALL** may be sent to the address below.

Please send your **Land Phone / Cell Phone Numbers and E.mail addresses** for updation.



## ECHO OF HIS CALL

**10, MOHAMMED ABDULLAH 2nd STREET, CHEPAUK,**
**CHENNAI - 600 005, INDIA**

**PH: (+91-44) 2852 8282, 2852 9293, 2854 7766,**
**Cell: (+91) 98410 71852, 95661 31858**
**E-mails: sam@echoofhiscall.org / biblecor@yahoo.co.in**
**Websites: www.echoofhiscall.org / www.echoofhiscall.com**


**YOU CAN SEND YOUR DONATIONS ON ONLINE ALSO**

**The details of our Bank Accounts are given below. Please inform us the details of your remittances.**

| Bank | Branch | Name | IFSC Code No. | Account Number |
|---|---|---|---|---|
| 1. STATE BANK OF INDIA | Triplicane, Chennai -5 | S. Sam Selva Raj | SBIN 0000249 | 102329 34679 |
| 2. ICICI BANK | Anna Salai, Chennai -2 | Echo of His Call | ICIC 0006038 | 6038 05022319 |

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨),ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତିମଥି ୧:୬)

## ପ୍ରଶଂସା ଓ ପ୍ରାର୍ଥନାର ବିଷୟ, (୨୦୧୮ ନଭେମ୍ବର ୧୯ ରୁ ୨୦୧୮ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ )

### ଈଶ୍ୱର କାର୍ଯ୍ୟରତ ଅଛନ୍ତି ।
### ପ୍ରଶଂସାର ବିଷୟ !

ନଭେମ୍ବର- ୧୯-ଈଶ୍ୱର ଆମର ଡାକ୍ତରଖାନା ସେବାକାର୍ଯ୍ୟରେ ଅଶ୍ଚର୍ଯ୍ୟ କର୍ମ ସାଧନ କରୁଛନ୍ତି ।

ନଭେମ୍ବର- ୨୦-ଆମର ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡିକରେ ଅନେକ ନୂତନ ଆତ୍ମା ସଂଯୁକ୍ତ ହେଉଛନ୍ତି ।

ନଭେମ୍ବର- ୨୧-୨୦୧୯ ପାଇଁ "ଆହ୍ୱାନର ପ୍ରତିଧ୍ୱନି"ର କ୍ୟାଲେଣ୍ଡର ଛପାଇବାରେ ପ୍ରଭୁ ଆମକୁ ସାହାଯ୍ୟ କରିଛନ୍ତି ।

ନଭେମ୍ବର- ୨୨-ନିହିମିୟା ବାଇବଲ କଲେଜର ଅଧାପକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ନଭେମ୍ବର- ୨୩-ଈଶ୍ୱର ଆମ ମୁଖ୍ୟ ଉପାସନାଳୟରେ ୫ଟି ଭାଷାର ୭ଟି ଉପାସନାକୁ ଆଶୀର୍ବାଦ କରୁଛନ୍ତି ।

ନଭେମ୍ବର- ୨୪-ଈଶ୍ୱର ଆମ ଛାପା କଳରେ ୧୬ଟି ଭାଷାରେ ମୁଦ୍ରିତ ଓ ମିଶନ୍ କ୍ଷେତ୍ର ଗୁଡିକୁ ପ୍ରେରିତ ସୁସମାଚାର ପତ୍ରିକା ଆଶୀର୍ବାଦ କରିଛନ୍ତି ।

ନଭେମ୍ବର- ୨୫-ଆମର ସେଣ୍ଟପଲ ମ୍ୟାଟ୍ରିକ୍ୟୁଲେସନ ସ୍କୁଲର ଅଧକ୍ଷ, ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ନଭେମ୍ବର- ୨୬-୧୬ଟି ଭାଷାରେ ପ୍ରକାଶିତ ଆମ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାର ପାଠକମାନଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ।

ନଭେମ୍ବର- ୨୭-ଆମ ମଣ୍ଡଳୀର ପ୍ରାଚୀନମାନଙ୍କ ପାଇଁ ଈଶ୍ୱରଙ୍କ ପ୍ରଶଂସା କରନ୍ତୁ ।

ନଭେମ୍ବର- ୨୮-ଈଶ୍ୱର ଆମ ମିଶନ କ୍ଷେତ୍ର ଗୁଡିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ସୁରକ୍ଷା ଦେଉଛନ୍ତି ।

ନଭେମ୍ବର- ୨୯-ଆମର ସମସ୍ତ ସଂଯୋଜକଙ୍କ ପାଇଁ ଈଶ୍ୱରଙ୍କର ପ୍ରଶଂସା କରନ୍ତୁ ।

ନଭେମ୍ବର- ୩୦-ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍.ସାମ୍.ସେଲଭାରାଜ୍ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ ଶକ୍ତିରୁ ସୁରକ୍ଷା ଦେଉଛନ୍ତି।

ଡିସେମ୍ବର- ୦୧- ଈଶ୍ୱର ଗତମାସ ଆମ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ପ୍ରତେକ କାର୍ଯ୍ୟକଳାପ ଉପରେ ଆଶୀର୍ବାଦ କରିଛନ୍ତି ।

ଡିସେମ୍ବର- ୦୨- ଏହି ବର୍ଷ ଅଧିକ ପତ୍ରିକା ଓ ପୁସ୍ତକ ପ୍ରକାଶ କରିବାରେ ଈଶ୍ୱର ଆମକୁ ସାହାଯ୍ୟ କରିଛନ୍ତି ।

ଡିସେମ୍ବର- ୦୩- ଈଶ୍ୱର ଭଉଣୀ ଜେସି ଭିନା ସାମ୍‌ଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆଣିଛନ୍ତି ।

### ପ୍ରାର୍ଥନାର ବିଷୟ

ଡିସେମ୍ବର- ୦୪- ଈଶ୍ୱର ଯେପରି ଏହି ମାସ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ"ର ସମସ୍ତ ଅର୍ଥନୈତିକ ଆବଶ୍ୟକତା ପୂରଣ କରିବେ।

ଡିସେମ୍ବର- ୦୫- ଈଶ୍ୱର ଯେପରି ଲୋକମାନଙ୍କ ମନରେ ତାଙ୍କ ପ୍ରତି ଭୟ ଜାଗ୍ରତ କରିବେ ।

ଡିସେମ୍ବର- ୦୬- ପ୍ରଭୁ ଯେପରି ମଣ୍ଡଳୀ ଗୁଡିକରୁ ମିଥ୍ୟାମତବାଦ ଦୂର କରିବେ ।

ଡିସେମ୍ବର- ୦୭- ଈଶ୍ୱର ଯେପରି ବିଶ୍ୱରେ ଏକ ଶକ୍ତିଶାଳୀ ଉଦ୍ଦୀପନା ପ୍ରେରଣ କରିବେ ।

ଡିସେମ୍ବର- ୦୮- ସମଗ୍ର ଜଗତର ବିନାଶ ପ୍ରାପ୍ତ ଆତ୍ମାମାନଙ୍କର ପରିତ୍ରାଣ ପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୦୯- ଆମର ନୂତନ ପ୍ରସ୍ତାବିତ କାର୍ଯ୍ୟକ୍ରମ"ଦୈନିକ ସ୍ୱର୍ଗୀୟ ମାନ୍ନା ଅତି ଶୀଘ୍ର ପ୍ରକାଶିତ ହେବାକୁ ଯାଉଛି ।ଏଥିପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୧୦- ଆମର ବେସିକ୍ ବାଇବଲ କରେସ୍‌ପଣ୍ଡେସ୍ ପାଠ୍ୟକ୍ରମ ଓ ଥିଓଲୋଜିକାଲ୍ କରେସପଣ୍ଡେସ୍ ପାଠ୍ୟକ୍ରମ ପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୧୧- ଈଶ୍ୱରଙ୍କର ଦାସମାନଙ୍କର ସୁରକ୍ଷା ପାଇଁ ପ୍ରାର୍ଥନା କରନ୍ତୁ

ଡିସେମ୍ବର- ୧୨- ସମଗ୍ର ବିଶ୍ୱରେ ଶାନ୍ତି ପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୧୩- ଆମର ପ୍ରାର୍ଥନା ସାଥୀଗଣ, ଆଜୀବନ ସଭ୍ୟ, ବିଶ୍ୱାସ ସାଥୀ, ମହାଆଦେଶ ସାଥୀମାନଙ୍କ ପାଇଁ ଓ ସେମାନଙ୍କ ପରିବାର ଗୁଡିକ ପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୧୪- ଈଶ୍ୱର ଯେପରି ଆମର ମଣ୍ଡଳୀ ଗୁଡିକର ସମସ୍ତ ଆବଶ୍ୟକତା ପୂରଣ କରିବେ ।

ଡିସେମ୍ବର- ୧୫- ସମଗ୍ର ପୃଥିବୀର ଦୂରଦର୍ଶନ ପ୍ରଚାରକମାନଙ୍କ ପାଇଁ ପ୍ରାର୍ଥନା କରନ୍ତୁ ।

ଡିସେମ୍ବର- ୧୬- ଈଶ୍ୱର ଯେପରି ଆମ ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସ୍ ସ୍କୁଲକୁ ଆଶୀର୍ବାଦ କରିବେ ।

ଡିସେମ୍ବର- ୧୭- ଈଶ୍ୱର ଯେପରି ଆମ ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟକାରୀମାନଙ୍କୁ ସୁରକ୍ଷା ଦେବେ ।

ଡିସେମ୍ବର- ୧୮- ଈଶ୍ୱର ଯେପରି ସମସ୍ତ ପିଲାଙ୍କୁ ଶାରୀରୀକ ଓ ଆତ୍ମିକ ଭାବରେ ଆଶୀର୍ବାଦ କରିବେ ।

( ୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ )

ବିଶ୍ୱାସ ଘାତ କରାଇବା ଦ୍ୱାରା ସେମାନଙ୍କୁ ପ୍ରତାରିତ କରିବ । ତାର ମିଥ୍ୟା କଣ ହେବ ? ସେ ହବାଙ୍କୁ ଯେପରି ପ୍ରତ୍ୟୟ ଦେଇଥିଲା, ଜଗତକୁ ମଧ ସେହିପରି ପ୍ରତ୍ୟୟ ଦେବ; "ଈଶ୍ୱର ପାପର ଦଣ୍ଡ ଦିଅନ୍ତି ନାହିଁ ।"

ପାଉଲ କହିଛନ୍ତି, ଏହି ପ୍ରତାରଣା "ସମସ୍ତ ପ୍ରକାର ଅଧର୍ମ ଛଳନା ସହିତ ଆସିବ ... କାରଣ ପରିତ୍ରାଣ ପ୍ରାପ୍ତ ହେବା ନିମନ୍ତେ ସେମାନେ ସତ୍ୟ ପ୍ରତି ଶ୍ରଦ୍ଧାଭାବ ବହି ନାହାନ୍ତି" (୧୦ ପଦ)। ଏହାପରେ ସେ ଯୋଗ କରିଛନ୍ତି – "ଏଥି ସକାଶେ ସେମାନେ ଯେପରି ମିଥ୍ୟାରେ ବିଶ୍ୱାସ କରନ୍ତି, ସେଥି ନିମନ୍ତେ ଈଶ୍ୱର ସେମାନଙ୍କ ନିକଟକୁ ଭ୍ରାନ୍ତିଜନକ ଶକ୍ତି ପ୍ରେରଣ କରନ୍ତି" (୧୧ ପଦ)।

ପ୍ରେରିତ କହୁଛନ୍ତି ; "ଯେଉଁମାନେ ଈଶ୍ୱରଙ୍କ ବାକ୍ୟକୁ ପାଳନ କରନ୍ତି ନାହିଁ କିମ୍ବା ସମ୍ମାନ ଦେଖାନ୍ତି ନାହିଁ, ସେମାନେ ଗୋଟିଏ ଶକ୍ତିଶାଳୀ ଭ୍ରାନ୍ତି ଅଧୀନରେ ପଡିବେ । ପ୍ରଥମେ ସେମାନେ ସେମାନଙ୍କ ପାପ ପ୍ରତି ଆଖିଠାର ମାରିବେ। ସେମାନେ ଏହାକ ଯଥାର୍ଥ ପ୍ରତିପାଦନ କରିବେ। ମାତ୍ର ଅତିଶୀଘ୍ର ସେମାନେ ସକ୍ରିୟଭାବରେ ଏକ ସହଜ ଅନୁଗ୍ରହ ସମ୍ବନ୍ଧୀୟ ବାର୍ତ୍ତା ଅନ୍ୱେଷଣ କରିବେ । ସେମାନେ ଏପରି ଏକ ଅନୁଗ୍ରହ ଆବିଷ୍କାର କରିବେ ଯାହା ଈଶ୍ୱରଙ୍କ ଉଦ୍ଦେଶ୍ୟଠାରୁ ବହୁ ଦୂରରେ ଥିବ । ତାଙ୍କ ଅନୁଗ୍ରହ କେବେ ଅସଂଯମ ଦିଗକୁ କଢାଇନିଏ ନାହିଁ । ଏହା ସର୍ବଦା ଅନୁତାପ ଦିଗକୁ କଢାଇ ନିଏ ।"

## ଜଗତ ବର୍ତ୍ତମାନ ଗୋଟିଏ ଶକ୍ତିଶାଳୀ ଭ୍ରାନ୍ତି ଅଧୀନରେ ଅଛି !

ଆଜି ଜଗତ ଗୋଟିଏ ଶୟତାନିକ ମିଥ୍ୟାର ପ୍ରରୋଚନା ମୂଳକ ଶକ୍ତି ଅଧୀନରେ ଅଛି । ତଥାପି, ମୁଁ ଅଧିକ କିଛି କହିବା ପୂର୍ବରୁ, ମୁଁ ଏଠାରେ ଗୋଟିଏ ଗଣତାନ୍ତ୍ରିକ କିମ୍ବା ଗୋଟିଏ ପ୍ରଜାତାନ୍ତ୍ରିକ ଭାବରେ କହୁ ନାହିଁ ବୋଲି ଜାଣନ୍ତୁ । ମୁଁ ଯାହା କହିବାକୁ ଯାଉଛି, ତାହାର ରାଜନୀତି ସହିତ କିଛି ସଂପର୍କ ନାହିଁ – ମାତ୍ର ଆତ୍ମିକ ସତ୍ୟ ସହିତ ସବୁକିଛି ସଂପୃକ୍ତ ଅଟେ । ପ୍ରକୃତ ବିଷୟ ହେଉଛି, ଆମ ଦେଶର ନେତାମାନେ ଈଶ୍ୱରଙ୍କ ବାକ୍ୟକୁ ସଂପୂର୍ଣ୍ଣ ଭାବରେ ଦୂରେଇ ଦେଇଛନ୍ତି ଓ ବାଇବଲର ସତ୍ୟ ପାଇଁ କୌଣସି ସମ୍ମାନ ଦେଖାନ୍ତି ନାହିଁ । ପୁଣି ବର୍ତ୍ତମାନ ପ୍ରଭୁ ଆମ ଉପରେ ଗୋଟିଏ ଭ୍ରାନ୍ତି ପତିତ ହେବା ପାଇଁ ଅନୁମତି ଦେଇଥିଲେ ।

ଆଜି ଜଗତକୁ ଆଚ୍ଛାଦନ କରିଥିବା ଶୟତାନିକ ମିଥ୍ୟା ହେଉଛି ଗୋଟିଏ ମିଥ୍ୟାଶାନ୍ତି । କୌଣସି ପରିମାଣକୁ ଭୟ ନ କରି ଆମେ ଯାହା ଇଚ୍ଛା ତାହା କରିପାରିବା ବୋଲି ଗୋଟିଏ ଧାରଣା ଅଛି । ଆମେ ଏହି ପ୍ରତାରଣାରେ ଗୋଟିଏ ରେଖା ଅତିକ୍ରମ କରିସାରିଛୁ – ଓ ବର୍ତ୍ତମାନ ଦଣ୍ଡ ଅବଶ୍ୟମ୍ଭାବୀ ଅଟେ ।

ପାଉଲ ରୋମୀୟ ୧ରେ ଏହି ସ୍ୱର୍ଗୀୟ ଦଣ୍ଡକୁ ଉଲ୍ଲେଖ କରିଛନ୍ତି । ସେ ସେହି ଲୋକମାନଙ୍କ ବିଷୟରେ କହିଛନ୍ତି, ଯେଉଁମାନେ ଦିନେ ବାଇବଲ ଭିତ୍ତିକ ସତ୍ୟକୁ ଗ୍ରହଣ କରିଥିଲେ, ମାତ୍ର ପରେ ଅଧାର୍ମିକତାରେ ସେହି ସତ୍ୟକୁ ଧରିରଖିବାପାଇଁ ଚେଷ୍ଟା କରିଥିଲେ । ସଂକ୍ଷେପରେ, ସେମାନେ ଏକ ସଙ୍ଗେ ଈଶ୍ୱରଙ୍କ ବାକ୍ୟକୁ ଓ ସେମାନଙ୍କ ଲାଳସାକୁ ଚାହୁଁଥିଲେ । ସେଥିପାଇଁ ପ୍ରଭୁ ସେମାନଙ୍କୁ ନୀତିହୀନ ମନ ନିକଟରେ ସମର୍ପଣ କରିଥିଲେ । ସେମାନେ ଏକ ମିଥ୍ୟାକୁ ବିଶ୍ୱାସ କରିବାକୁ ଇଚ୍ଛାକରିଥିଲେ – ସେଥିପାଇଁ ସେ ସେମାନଙ୍କ ଉପରକୁ ଏକ ଶକ୍ତ ଭ୍ରାନ୍ତି ପ୍ରେରଣ କରିଥିଲେ।

ବର୍ତ୍ତମାନ ଏହି ମନୋଭାବ ମଣ୍ଡଳୀ ମଧରେ ପ୍ରବେଶ କରିଅଛି । ଆଜି ଅସଂଖ୍ୟ ଖ୍ରୀଷ୍ଟିଆନ ଅଶ୍ଳୀଳ ଭିଡିଓ ଦେଖନ୍ତି କିମ୍ବା ଇଣ୍ଟରନେଟରେ ଯୌନଉଦ୍ଦୀପକ ଦୃଶ୍ୟ ଅନ୍ୱେଷଣ କରନ୍ତି । ଦିନେ ସେମାନଙ୍କର ବିବେକ ସେମାନଙ୍କୁ ଯନ୍ତ୍ରଣା ଦେଉଥିବ । ମାତ୍ର ବର୍ତ୍ତମାନ ସେମାନେ ଯୁକ୍ତି କରନ୍ତି, "ଆମର ସମସ୍ତ ନେତା ଏହା କରିବାପରେ ଦଣ୍ଡରୁ ବର୍ତ୍ତି ଯାଇଛନ୍ତି । ସମସ୍ତେ ଏହା କରୁଛନ୍ତି । ମୁଁ କାହିଁକି କରିପାରିବି ନାହିଁ ?" ସେମାନେ ଗୋଟିଏ ଶୟତାନିକ ଭ୍ରାନ୍ତି ମଧରେ ପତିତ ହୋଇଛନ୍ତି ।

ପାଉଲ ସତର୍କ କରିଦେଇଛନ୍ତି, "ସମୟ ଆସିବ, ଯେତେବେଳେ ସେମାନେ ହିତ ଜନକ ଶିକ୍ଷା ସହ୍ୟ କରିବେ ନାହିଁ, ମାତ୍ର ଶ୍ରୁତି ମଧୁର କଥାରେ ସନ୍ତୁଷ୍ଟ ହୋଇ ଅଭିଳାଷାନୁସାରେ ଆପଣାମାନଙ୍କ ନିମନ୍ତେ ବହୁ ସଂଖ୍ୟକ ଶିକ୍ଷକଙ୍କୁ ସଂଗ୍ରହ କରିବେ, ପୁଣି, ସତ୍ୟ ବାକ୍ୟରେ କର୍ଣ୍ଣ ନ ଦେଇ କଳ୍ପିତ କାହାଣୀ ପ୍ରତି ମନ ଦେବେ" (୨ ତୀମଥି ୪:୩-୪)।

ପାଉଲ ଯେଉଁ ପ୍ରତାରିତ ହୋଇଥିବା ଲୋକମାନଙ୍କ ବିଷୟରେ କହୁଛନ୍ତି, ସେମାନେ କିଏ ଅଟନ୍ତି ? ସେମାନେ ପ୍ରତାରିତ ହୋଇଥିବା ଖ୍ରୀଷ୍ଟିଆନମାନେ । ସେ ଏହି ପତ୍ର ଥେସଲନୀକୀୟ ମଣ୍ଡଳୀ ନିକଟକୁ- ପୁନର୍ଜନ୍ମପ୍ରାପ୍ତ ବିଶ୍ୱାସୀମାନଙ୍କ ନିକଟକୁ ଲେଖିଥିଲେ ! ସେ ସେହି ଲୋକମାନଙ୍କୁ ସମ୍ବୋଧନ କରୁଥିଲେ, ଯେଉଁମାନେ ବାଇବଲ ଶିକ୍ଷା ଅଧୀନରେ ବସିଥିଲେ ଓ ଈଶ୍ୱରଙ୍କ ସତ୍ୟ ଜାଣିଥିଲେ । ତଥାପି ସେମାନେ ସେମାନଙ୍କ ଲାଳସାରେ ଆସକ୍ତ ଥିଲେ ଓ ବର୍ତ୍ତମାନ ସେମାନେ ଏପରି ଧର୍ମ ବିରୋଧୀ ମତ ଗୁଡିକର ଅନ୍ୱେଷଣ କରୁଥିଲେ, ଯେଉଁ ଗୁଡିକ ସେମାନଙ୍କୁ ସେମାନଙ୍କ ପାପରେ ସାନ୍ତ୍ୱନା ଦେବ !

## ପ୍ରତାରିକ ହେବାର ସର୍ବାଧିକ ବିପଦ ମଧରେ ଥିବା ବିଶ୍ୱାସୀମାନେ ସେହିମାନେ ଅଟନ୍ତି, ଯେଉଁମାନେ ଖୁସିରେ ଈଶ୍ୱରଙ୍କ ବାକ୍ୟ ଶୁଣନ୍ତି- ମାତ୍ର ଏହାକୁ ପାଳନ କରନ୍ତି ନାହିଁ ।

ପାଉଲ ଗାଲାତୀୟମାନଙ୍କୁ ଲେଖିଛନ୍ତି, "ତୁମ୍ଭେମାନେତ ଉତ୍ତମ ରୂପେ ଦୌଡୁଥିଲ, କିଏ ତୁମ୍ଭମାନଙ୍କୁ ବାଧା ଦେଲା ଯେ, ସତ୍ୟର ଅବାଧ ହୋଇଅଛ ?" (ଗାଲାତୀୟ ୫:୭) "...କିଏ ତୁମ୍ଭମାନଙ୍କୁ ମୋହିତ କଲା ?"(୩:୧)। ପ୍ରେରିତ ନିଜର ପଲକୁ ପଚାରୁଥିଲେ, "ତୁମ୍ଭମାନଙ୍କ ପ୍ରତି କଣ ଘଟିଲା ? ତୁମ୍ଭେମାନେ ଏତେ ଭଲ କରୁଥିଲ। ମାତ୍ର ବର୍ତ୍ତମାନ ତୁମ୍ଭେମାନେ ପ୍ରଭାବିତ ହୋଇଅଛ ।"

ସମଗ୍ର ଧର୍ମଶାସ୍ତ୍ରରେ , ଈଶ୍ୱରଙ୍କବାକ୍ୟ ପାଳନ କରିବା ଆମ ପାଇଁ କେତ ଗୁରୁତ୍ୱ ପୂର୍ଣ୍ଣ, ସେ ସମ୍ବନ୍ଧରେ ଈଶ୍ୱର ଆମକୁ ଏକ ସ୍ୱଷ୍ଟ ଚିତ୍ର ପ୍ରାଦାନ କରିଛନ୍ତି । ଆମେ ରାଜା ଶାଉଲଙ୍କ ଜୀବନରେ ଏହିପରି ଏକ ଚିତ୍ର ଦେଖୁ । ଈଶ୍ୱର ଭାବବାଦୀ ଶାମୁୟେଲଙ୍କ ମାଧମରେ ଶାଉଲଙ୍କୁ ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ଆଜ୍ଞା ଦେଇଥିଲେ । ସେ ଶାଉଲଙ୍କୁ ନିର୍ଦ୍ଦେଶ ଦେଇଥିଲେ, "ଏବେ ତୁମ୍ଭେ ଯାଇ ଅମାଲେକକୁ ଆଘାତ କର ଓ ସେମାନଙ୍କର ସର୍ବସ୍ୱ ବର୍ଜିତ ରୂପେ ବିନାଶ କର ଓ ସେମାନଙ୍କୁ ଦୟାକର ନାହିଁ, ମାତ୍ର ପୁରୁଷ ଠାରୁ ସ୍ତ୍ରୀ ପର୍ଯ୍ୟନ୍ତ, ବାଳକଠାରୁ ସ୍ତନ୍ୟପାୟୀ ଶିଶୁ ପର୍ଯ୍ୟନ୍ତ, ଗୋରୁ ଠାରୁ ମେଷ ପର୍ଯ୍ୟନ୍ତ , ଓଟ ଠାରୁ ଗଧ ପର୍ଯ୍ୟନ୍ତ ସମସ୍ତଙ୍କୁ ମଧ କରିବ" (୧ ଶାମୁୟେଲ ୧୫:୩)।

ଶାଉଲ ପ୍ରଭୁଙ୍କର ଏହି ଆଜ୍ଞା ପାଳନ କରିଥିଲେ କି ? ଧର୍ମଶାସ୍ତ୍ର ଆମକୁ କହେ, "ଶାଉଲ... ଅମାଲେକୀୟ ମାନଙ୍କୁ ଆଘାତ କଲେ । ପୁଣି ସେ ଅମାଲେକୀୟମାନଙ୍କ ରାଜା ଅଖାଗକୁ ଜୀଅନ୍ତା ଧରିଲେ ଓ ଲୋକ ସମସ୍ତଙ୍କୁ ଖଡ୍‌ଗାଧାରରେ ବର୍ଜିତ ରୂପେ ବିନାଶ କଲେ । ମାତ୍ର ଶାଉଲ ଓ ଲୋକମାନେ ଅଖାଗ ପ୍ରତି ଓ ଉତ୍ତମ ଉତ୍ତମ ମେଷ ଓ ଗୋରୁ ପ୍ରତି ଓ ହୃଷ୍ଟପୃଷ୍ଟ ବାଛୁରୀ ଓ ମେଷ ଛୁଆ ପ୍ରତି ଓ ଯାବତୀୟ ଉତ୍ତମ ବସ୍ତୁ ପ୍ରତି ଦୟା କରି ସେମାନଙ୍କୁ ବର୍ଜିତ ରୂପେ ବିନାଶ କଲେ ନାହିଁ ..."(୭-୯ ପଦ)।

ଈଶ୍ୱର ଅତି ସ୍ୱଷ୍ଟ ଭାଷାରେ ଶାଉଲଙ୍କୁ ତାଙ୍କର ଖଡ୍‌ଗ ପ୍ରଦାନ କରିଥିଲେ । ତଥାପି ଶାଉଲ ଯୁଦ୍ଧକ୍ଷେତ୍ରକୁ ଯିବାପରେ ପ୍ରଭୁଙ୍କର ଆଜ୍ଞାକୁ କେବଳ ଆଂଶିକଭାବରେ ପାଳନ କରିଥିଲେ । ସମସ୍ତଙ୍କୁ ଓ ସମସ୍ତ ବିଷୟକୁ ଧ୍ୱଂସ ନକରି ସେ ରାଜା ଅଖାଗଙ୍କୁ- ଓ କେତେକ ପଶୁଙ୍କୁ ଜୀବିତ ରଖିଥିଲେ ।

ସେଥିରେ ଶାମୁୟେଲ ଦୁଃଖିତ ହୋଇଥିଲେ । ସେ ଶାଉଲଙ୍କୁ କହିଥିଲେ, "ସଦାପ୍ରଭୁ ତୁମ୍ଭକୁ ଯୁଦ୍ଧ ଯାତ୍ରାରେ ପଠାଇ କହିଲେ, ଯାଅ, ସେହି ଅମାଲେକୀୟ ପାପୀମାନଙ୍କୁ ବର୍ଜିତ ରୂପେ ବିନାଶ କର, ଆଉ ସେମାନେ ନିଃଶେଷ ରୂପେ ଉଚ୍ଛିନ୍ନ ହେବା ପର୍ଯ୍ୟନ୍ତ ସେମାନଙ୍କ ସଙ୍ଗେ ଯୁଦ୍ଧ କର । ଏଣୁ ତୁମ୍ଭେ କାହିଁକି ସଦାପ୍ରଭୁଙ୍କ ରବ ଶୁଣିଲେ ନାହିଁ, ମାତ୍ର ଲୁଟଦ୍ରବ୍ୟ ଉପରେ ଉଡି ପଡିଲ ଓ ସଦାପ୍ରଭୁଙ୍କ ଦୃଷ୍ଟିରେ ଯାହା ମନ୍ଦ, ତାହା କଲ ?" (୧୮-୧୯ପଦ) ।

ଏହି ସମୟରେ ଧର୍ମଶାସ୍ତ୍ର ଆମକୁ ଗୋଟିଏ ଅତି ଦୁଃଖ ଦାୟକ ବାକ୍ୟ ପ୍ରଦାନ କରିଛି, "ଏ ଉତ୍ତାରେ ଶାମୁୟେଲଙ୍କ ପ୍ରତି ସଦା ପ୍ରଭୁଙ୍କର ବାକ୍ୟ ଉପସ୍ଥିତ ହେଲା, ଯଥା- ଆମ୍ଭେ ଯେ ଶାଉଲକୁ ରାଜା କଲୁ, ଏଥିପାଇଁ ଆମ୍ଭେ ଦୁଃଖିତ; କାରଣ ସେ ଆମ୍ଭଠାରୁ ବିମୁଖ ହୋଇଅଛି ଓ ଆମ୍ଭର ବାକ୍ୟ ସଫଳ କରିନାହିଁ ...."(୧୦-୧୧ ପଦ) ।

ଏହା ଆପଣଙ୍କର ଜୀବନକୁ ବର୍ଣ୍ଣନା କରୁଛି କି ? ଈଶ୍ୱର ଆପଣଙ୍କ ଜୀବନରେ ଥିବା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଲାଳସାପୂର୍ଣ୍ଣ ଅଭ୍ୟାସକୁ ଦୂର କରିବାପାଇଁ ସ୍ୱଷ୍ଟଭାବରେ କହିଛନ୍ତି - ଅଥଚ ଆପଣ ଏହାକୁ ବିଚ୍ଛିନ୍ନ ନକରି ଏହାକୁ ଧରି ରଖିଛନ୍ତି କି ?

ବର୍ତ୍ତମାନ ତାଙ୍କର ଆତ୍ମା ହୁଏତ ଗୋଟିଏ ଦୟାପୂର୍ଣ୍ଣ , ବ୍ୟଥିତ ସ୍ୱରରେ ଆପଣଙ୍କୁ କହୁଅଛି, "ତୁମ୍ଭର ଲାଳସା ଆମ ମଧ୍ୟରେ ଠିଆ ହୋଇ ଆମ ସହଭାଗିତାରେ ଅନ୍ତରାୟ ସୃଷ୍ଟି କରୁଛି । ତୁମ୍ଭେ ଏଥିରେ ରହିଥିବା ସମୟରେ ମୁଁ ତୁମକୁ ଆଉ କୌଣସି ଆଶୀର୍ବାଦ କରିପାରିବି ନାହିଁ । ତୁମକୁ ସାହାଯ୍ୟ କରିବାପାଇଁ ମୋ ଆତ୍ମାରେ ବିଶ୍ୱାସ କର । ମୋର ସନ୍ତାନ , ବର୍ତ୍ତମାନ ଏହାକୁ ଛାଡି ଦିଅ ।" ମାତ୍ର ଅତିଶୀଘ୍ର ଈଶ୍ୱର କ୍ରୋଧରେ ଆପଣଙ୍କୁ କହିପାରନ୍ତି, "ଯଦି ତୁମେ ତୁମର ଲାଳସାକୁ ଛାଡିବ ନାହିଁ, ତେବେ ଆମ୍ଭେ ଏହା ପ୍ରକାଶ କରିବା ଓ ଏହା ତୁମ ଜୀବନକୁ ନଷ୍ଟ କରିବ ।"

ଈଶ୍ୱର ଶାଉଲଙ୍କୁ ତାଙ୍କ ଅବାଧ୍ୟତା ପାଇଁ ଅଗ୍ରାହ୍ୟ କରିଥିଲେ । ଶାମୁୟେଲ ଶାଉଲଙ୍କୁ କହିଥିଲେ, "ବିଦ୍ରୋହ ମନ୍ତ୍ରପାଠ ପାପ ତୁଲ୍ୟ ଓ ଅବାଧ୍ୟତା ଅବସ୍ତୁର ଓ ଠାକୁରମାନଙ୍କର ପୂଜା ତୁଲ୍ୟ । ତୁମ୍ଭେ ସଦାପ୍ରଭୁଙ୍କ ବାକ୍ୟ ତୁଚ୍ଛ କରିଅଛ; ଏଥିପାଇଁ ସେ ମଧ୍ୟ ତୁମ୍ଭକୁ ରାଜା ହୋଇଥିବା ପାଇଁ ତୁଚ୍ଛ କରିଅଛନ୍ତି" (୨୩ପଦ) ।

ସେହି ସମୟରେ ହିଁ ଈଶ୍ୱରଙ୍କ ଆତ୍ମା ଶାଉଲଙ୍କୁ ପରିତ୍ୟାଗ କରିଥିଲେ । ରାଜାଙ୍କର ଆନ୍ତରିକତାବିହୀନ ବାଧ୍ୟତା ତାଙ୍କୁ ଶୟତାନର ପ୍ରଭାବ ପ୍ରତି ଉନ୍ମୋଚିତ କରିଥିଲା । ଅତିଶୀଘ୍ର ଗୋଟିଏ ମନ୍ଦ ଆତ୍ମା ଶାଉଲଙ୍କୁ ଆକ୍ରାନ୍ତ କରିଥିଲା..... ଓ ଶେଷରେ ସେ ଗୋଟିଏ ଭୂତୁଡିଆ ସ୍ତ୍ରୀର ପରାମର୍ଶ ଲୋଡିଥିଲେ ।

ହୁଏତ ଶାଉଲଙ୍କ ଜୀବନ କାହାଣୀ ପଢିବା ସମୟରେ ଆପଣ ଭାବୁଥିବେ, "ମାତ୍ର ଶାଉଲ ଯଥାସାଧ ଚେଷ୍ଟାକରିଥିଲେ । ପୁଣି ସେ ତାହା ମନ୍ଦଭାବରେ କରିନଥିଲେ । ଈଶ୍ୱର କାହିଁକି ତାଙ୍କ ଉପରେ ଏତେ କଠୋର ହୋଇଥିଲେ ? ସେ କାହିଁକି ଶାଉଲଙ୍କୁ କ୍ଷମା ଦେଇଥିଲେ ?"

ଈଶ୍ୱର ଆମକୁ ଏହି ଅନୁଚ୍ଛେଦ ମାଧ୍ୟମରେ କହୁଛନ୍ତି ଯେ ସେ ଯାହା କହନ୍ତି, ତାହା କରନ୍ତି । ସେ କହୁଛନ୍ତି, "ମୋ ପ୍ରତି ତୁମ୍ଭମାନଙ୍କର ଅବାଧ୍ୟତା ବିଷୟରେ ମୁଁ ଯାହା ଅନୁଭବ କରେ, ତାହା ମୁଁ ଦେଖାଉଅଛି । ମୁଁ ତୁମ୍ଭମାନଙ୍କର ଆନ୍ତରିକତା ବହୀନ ବାଧ୍ୟତା ନୁହେଁ, ମାତ୍ର ତୁମ୍ଭମାନଙ୍କର ସମସ୍ତ ଅନ୍ତଃକରଣ, ତୁମ୍ଭମାନଙ୍କର ସମସ୍ତ ପ୍ରେମ ଚାହୁଁଅଛି ।" ବର୍ତ୍ତମାନ, ଯଦି ଶାଉଲଙ୍କ ପ୍ରତି ସଦାପ୍ରଭୁଙ୍କର ବାର୍ତ୍ତା ଅସ୍ୱଷ୍ଟ ହୋଇଥାନ୍ତା, ତେବେ ସେ ତାଙ୍କ ପ୍ରତି ଗୋଟିଏ ଅନୁଗ୍ରହ ଦେଖାଇବା ଉଚିତ୍ ଥିଲା ବୋଲି ଆମେ ଯଥାର୍ଥଭାବରେ କହିଥାନ୍ତୁ । ମାତ୍ର ଶାଉଲଙ୍କ ପ୍ରତି ତାଙ୍କର ନିର୍ଦ୍ଦେଶ ଏତେ ସ୍ୱଷ୍ଟ ଥିଲାଯେ ସେ ଯାହା ଆଦେଶ ଦେଉଥିଲେ, ସେଥିରେ କୌଣସି ସନ୍ଦେହ ନଥିଲା । ସେହିପରି ଆଜି ଈଶ୍ୱର ଆମକୁ ଯାହା କହିଛନ୍ତି, ସେଥିରେ କୌଣସି ସନ୍ଦେହ ନାହିଁ । ତାଙ୍କର ଆଜ୍ଞାଗୁଡିକ କଣ' କ'ଣ, ତାହା ଆମେ ଜାଣୁ, କାରଣ ସେ ତାଙ୍କ ବାକ୍ୟଦ୍ୱାରା ଓ ଆମ ହୃଦୟରେ ବାସ କରୁଥିବା ତାଙ୍କ ଆତ୍ମାଙ୍କ ଦ୍ୱାରା ଆମ ନିକଟରେ ସେଗୁଡିକୁ ପ୍ରକାଶ କରିଛନ୍ତି ।

ଆପଣମାନେ ହୁଏତ ଉତ୍ତର ଦେଇପାରନ୍ତି , "ମାତ୍ର ଶାଉଲଙ୍କ ପ୍ରତି ଯାହା ଘଟିଥିଲା, ତାହା ପୁରାତନ ନିୟମ ଅଧୀନରେ, ବ୍ୟବସ୍ଥା ଅଧୀନରେ ଘଟିଥିଲା । ଆମେ ବର୍ତ୍ତମାନ ଏକ ଅନୁଗ୍ରହର ସମୟରେ ବାସ କରୁଛୁ । ନିଶ୍ଚୟ ଆମେ ଅବାଧ ହେବା ସମୟରେ, ସେ ଶାଉଲଙ୍କ ଉପରେ ଯେପରି କଠୋର ହୋଇଥିଲେ, ଆମ ଉପରେ ସେହିପରି କଠୋର ହେବେ ନାହିଁ ।"

ଏଠାରେ ନୂତନ ନିୟମ, ଏକ ଅନୁଗ୍ରହର ନିୟମ ଅଧିନସ୍ଥ ବିଷୟ ଉପରେ ଈଶ୍ୱରଙ୍କ ବାକ୍ୟ ଅଛି । "ଈଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର କର୍ମାନୁସାରେ ଫଳ ଦେବେ; ଯେଉଁମାନେ ଧୈର୍ଯ୍ୟ ସହିତ ଉତ୍ତମ କର୍ମ କରି ଗୌରବ , ସମ୍ମାନ ଓ ଅମରତା ଅନ୍ୱେଷଣ କରନ୍ତି, ସେମାନଙ୍କୁ ଅନନ୍ତ ଜୀବନ ପ୍ରଦାନ କରିବେ, କିନ୍ତୁ ଯେଉଁମାନେ ସ୍ୱାର୍ଥପର, ପୁଣି ସତ୍ୟର ଅନାଜ୍ଞାବହ, ମାତ୍ର ଅଧାର୍ମିକତାର ଆଜ୍ଞାବହ, ସେମାନଙ୍କ ପ୍ରତି କ୍ରୋଧ ଓ କୋପ ଘଟିବ । ପ୍ରଥମରେ ଯିହୁଦୀ ଓ ମଧ୍ୟଗ୍ରୀକ୍, ପ୍ରତ୍ୟେକ ଦୁଷ୍କର୍ମକାରୀ ଲୋକର ପ୍ରାଣ ଉପରେ କ୍ଲେଶ ଓ ସଂକଟ ଘଟିବ, ମାତ୍ର ପ୍ରଥମରେ ଯିହୁଦୀ ଓ ମଧ୍ୟଗ୍ରୀକ୍, ପ୍ରତ୍ୟେକ ସତ୍କର୍ମକାରୀ ପ୍ରତି ଗୌରବ, ସମ୍ମାନ ଓ ଶାନ୍ତି ହେବ । କାରଣ ଈଶ୍ୱରଙ୍କ ନିକଟରେ ମୁଖାପେକ୍ଷା ନାହିଁ"(ରୋମୀୟ୨ :୬-୧୧) ।

ମୁଁ ଆପଣମାନଙ୍କୁ ପୁରାତନ ନିୟମର ଶାଉଲ ଓ ନୂତନ ନିୟମ ଅଧୀନସ୍ଥ ବିଶ୍ୱାସୀମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ଜଣାଇବି : ଯେତେବେଳେ ଜଣେ ବ୍ୟକ୍ତି ନିକଟରେ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ପାଇଁ ପ୍ରକୃତରେ ଏକ ଇଚ୍ଛାଥାଏ ଯେତେବେଳେ ସେହି ବ୍ୟକ୍ତି ଈଶ୍ୱରଙ୍କ ବାକ୍ୟକୁ ପ୍ରେମ କରେ ଓ ସମ୍ମାନ ଦିଏ- ସେତେବେଳେ ପବିତ୍ର ଆତ୍ମା ତାକୁ ସେହି ସବୁ ଆଜ୍ଞାକୁ ସଫଳ କରିବା ପାଇଁ ସମସ୍ତ ଶକ୍ତି ଓ ସାମର୍ଥ୍ୟ ଯୋଗାଇ ଦିଅନ୍ତି । ତାହା ହିଁ ନୂତନ ନିୟମର ଆଶୀର୍ବାଦ ଯୁକ୍ତ ବ୍ୟବସ୍ଥା ଅଟେ ।

## ସମାଚାର

ବାହରି ଆସ... ଆମେ ତୁମକୁ ଅଗ୍ନିରେ ଦଗ୍ଧ କରିବୁ

ଆମାଲା; ହରିୟାଣା:- ଏଠାରେ ଚରମପନ୍ଥୀମାନେ ଓଲ୍ଡ଼ ଆସେମ୍ବ୍ଲି ଅଫ୍‌ଗଡ଼ର ୩୨ ବର୍ଷୀୟ ପାଳକ, ଅଭ୍ୟାଂଶୁ କାଲ୍‌ରାଙ୍କୁ ପ୍ରତିମାଗୁଡିକୁ ଅପବିତ୍ର କରିବା ଓ ବଳ ପୂର୍ବକ ଧର୍ମାନ୍ତରୀକରଣ କରିବା ଦୋଷରେ ଅଭିଯୁକ୍ତ କରି ତାଙ୍କୁ ଓ ତାଙ୍କ ପରିବାରକୁ ସେମାନଙ୍କ ଗୃହ ଛାଡି ପଳାୟନ କରିବାପାଇଁ ବାଧ କରିଛନ୍ତି । ଜୁଲାଇ ୧୧ରେ, ୨୦୦ ଉତ୍ତ୍ୟକ୍ତ ଜନତା ତାଙ୍କ ଗୃହ ଓ ଗୀର୍ଜା ପରିସରର ଦ୍ୱାରକୁ ଅବରୋଧ କରି ଧମକ ଦେଇଥିଲେ, "ବାହାରି ଆସ, ଆମେ ତୁମକୁ ଛାଡିବୁ ନାହିଁ, ଆମେ ତୁମକୁ ଅଗ୍ନିରେ ଦଗ୍ଧ କରିବୁ ।" ସ୍ଥାନୀୟ ପୋଲିସ ଏହାର ଅନୁସନ୍ଧାନ ପାଇଁ ଆଦେଶ ଦେଇଛି । ୨୦୧୪ରେ, ଏହି ୧୦୦ ସଦସ୍ୟ ବିଶିଷ୍ଟ ମଣ୍ଡଳୀ ଆରମ୍ଭ ହୋଇଥିଲା । ଜୁଲାଇ ୧୯ରେ, ଏହି ଆକ୍ରମଣ ଓ ଭାରତରେ ସଖ୍ୟାଲଘୁମାନଙ୍କ ଉପରେ ଅତ୍ୟାଚାରକୁ ବିରୋଧ କରି ପ୍ରାୟ ୩୦୦ ଖ୍ରୀଷ୍ଟିଆନ ଅମ୍ବାଲର ରାସ୍ତାରେ ପ୍ରଦର୍ଶନ କରିଥିଲେ । *- ଫୋର୍ ରନର୍ (ଅକ୍ଟୋବର୨୦୧୮) -*

ଶାଉଲଙ୍କ ନିକଟରେ ସେହି ପ୍ରକାର ପବିତ୍ର ଇଚ୍ଛା ନଥିଲା । ମାତ୍ର ଯେଉଁ ବ୍ୟକ୍ତି ପ୍ରକୃତରେ ପ୍ରଭୁଙ୍କୁ ଓ ତାଙ୍କର ବାକ୍ୟକୁ ପ୍ରେମ କରେ ସେ ସମସ୍ତ ଲାଳସାକୁ ହତ୍ୟା କରି ତା ମଧ୍ୟରେ ଥିବା ପବିତ୍ର ଆତ୍ମାଙ୍କ ଶକ୍ତିଦ୍ୱାରା ପାପର ଆଧିପତ୍ୟକୁ ଧ୍ୱଂସ କରିବାପାଇଁ ସମର୍ଥ ଅଟେ ।

ପାଉଲ ବିଶ୍ୱାସୀମାନଙ୍କୁ ଶକ୍ତ ସତର୍କବାଣୀ ପ୍ରଦାନ କରିଛନ୍ତି; "ଆଉ ହେ ମନୁଷ୍ୟ, ଯେଉଁମାନେ ଏହି ପ୍ରକାର କର୍ମ କରନ୍ତି, ସେମାନଙ୍କର ବିଚାର କରି ଆପେ ସେହି ପ୍ରକାର କରୁଥାଅ ଯେ ତୁମ୍ଭେ, ତୁମ୍ଭେ ଈଶ୍ୱରଙ୍କ ବିଚାରରୁ ପଳାୟନ କରି ପାର ବୋଲି କଅଣ ମନେ କରୁଅଛ ?(ରୋମୀୟ ୨:୩)। ସେ କହୁଛନ୍ତି, "ପତ୍ୟେକଙ୍କୁ ଈଶ୍ୱରଙ୍କ ବ୍ୟବସ୍ଥା ପାଳନ କରିବା ପାଇଁ କହି ତୁମେ ଯେ ଜଣେ ଖ୍ରୀଷ୍ଟିଆନ, ଏହି ସାକ୍ଷ୍ୟ ଦେଉଅଛ, ଅଥଚ ନିଜେ ବ୍ୟଭିଚାରରେ ରହିଅଛ ?"

"କିମ୍ବା ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନଃ ପରିବର୍ତ୍ତନ ଆଡ଼କୁ ଘେନିଯିବାକୁ ଚେଷ୍ଟାକରେ, ଏହା ନଜାଣି ତୁମ୍ଭେ କି ତାହାଙ୍କର କୃପା, ଧୈର୍ଯ୍ୟ ଓ ଚିର ସହିଷ୍ଣୁତା ରୂପ ଧନ ସବୁ ତୁଚ୍ଛ କରୁଅଛ ?" (୪ ପଦ) । ପାଉଲ ଯୋଗ କରିଛନ୍ତି, "ଈଶ୍ୱର ଏହି ସମସ୍ତ ସମୟ ତୁମ୍ଭ ପ୍ରତି ଦୟା କରିଛନ୍ତି, କୃପାଶୀଳ ଓ ପ୍ରେମମୟ ହୋଇଛନ୍ତି । ତୁମ୍ଭେମାନେ କଣ ଏହା ଉପଲବ୍ଧି କରୁନାହଁ ଯେ ତାଙ୍କର ସମସ୍ତ ଉତ୍ତମତା, ଦୟା ଓ ଅନୁଗ୍ରହ ତୁମ୍ଭମାନଙ୍କୁ ଅନୁତାପ ଦିଗରେ କଢ଼ାଇ ନେବାପାଇଁ ଉଦ୍ଦିଷ୍ଟ ଅଟେ ?"

## ଏହି ବାର୍ତ୍ତାର ମୁଖ୍ୟ ବିଷୟ କ'ଣ ?

ମୁଁ, ସର୍ବୋପରି ଆପଣମାନଙ୍କୁ ଏହା କହିବାକୁ ଚାହେଁ ଯେ, ଖ୍ରୀଷ୍ଟାରି ସମସ୍ତ ଇତିହାସରେ ସର୍ବଶ୍ରେଷ୍ଠ ସମୃଦ୍ଧିପ୍ରଚାରକ ଭାବରେ ଦୃଶ୍ୟପଟକୁ ଆସୁଅଛି । ପୁଣି ଶୟତାନ ତାର ଧର୍ମ ପଦ୍ଧତି ମଧ୍ୟରେ ପ୍ରବେଶ କରିବା ପାଇଁ ଉଦାସୀନ ବିଶ୍ୱାସୀମାନଙ୍କୁ ନେଇ ସାରିଲାଣି । ଅତିଶୀଘ୍ର ଆମ ସମାଜ ଉପରେ ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ, ଓ ଖ୍ରୀଷ୍ଟିଆନ୍ ମାନେ ଶୟତାନର ପ୍ରରୋଚନା ପ୍ରତି ପୂର୍ବାପେକ୍ଷା ଅଧିକ ବିପଦ ମଧ୍ୟରେ ରହିବେ ।

ଏହା ହିଟଲର୍‌ଙ୍କ ସମୟରେ ଅନେକ ଜର୍ମାନ ଖ୍ରୀଷ୍ଟିଆନଙ୍କ ପ୍ରତି ଘଟିଥିଲା । ଯେତେବେଳେ ହିଟଲର୍ ଚମତ୍କାର ବ୍ୟକ୍ତିତ୍ୱ ଓ ଉତ୍ତମ ଜୀବନର ପ୍ରତିଜ୍ଞା ସହିତ କ୍ଷମତାକୁ ଆସିଲେ, ସେତେବେଳେ ଉଦାସୀନ ଲୁଥେରାନ୍ ଓ ପେଣ୍ଟିକୋଷ୍ଟାଲ୍‌ମାନେ ସୁଦ୍ଧା ତାଙ୍କୁ ଗ୍ରହଣ କରିଥିଲେ । ପରେ, ସେ ସମାଜରେ ତାଙ୍କର କୁକାର୍ଯ୍ୟ ଆରମ୍ଭ କରିବା ସମୟରେ, ସେମାନେ ଅନ୍ୟମାର୍ଗ ପ୍ରତି ଦୃଷ୍ଟିପାତ କରି ଈଶ୍ୱରଙ୍କ ବାକ୍ୟର ସତ୍ୟତାକୁ ଅଗ୍ରାହ୍ୟ କରିଥିଲେ । ଅବଶ୍ୟ, ସୁସମାଚାର ସପକ୍ଷରେ କେତେକ ଶକ୍ତି ଶାଳୀ ସ୍ୱର ଉଠିଥିଲା । ମାତ୍ର ଆଶ୍ଚର୍ଯ୍ୟର ବିଷୟଯେ ବହୁ ସଂଖ୍ୟକ ବିଶ୍ୱାସୀ ଶେଷରେ ହିଟଲରଙ୍କର ଅନୁଗାମୀ ହୋଇଥିଲେ ଓ ଏପରିକି ତାଙ୍କର ପ୍ରଶଂସା କରି କହିଥିଲେ, "ହିଟଲରଙ୍କର ଜୟ ହେଉ !" ସେମାନେ ମିଥ୍ୟାକୁ ଆଣିଥିଲେ - ଓ ଈଶ୍ୱର ସେମାନଙ୍କୁ ଏକ ଶକ୍ତିଶାଳୀ ଭ୍ରାନ୍ତି ଅଧୀନରେ ରଖିଥିଲେ ।

ମୁଁ ଆପଣଙ୍କୁ ପଚାରୁଛି: ଆପଣ କେବେ ଏପରି ପ୍ରଚାର ଅଧୀନରେ ବସିଛନ୍ତି କି, ଯାହା ପ୍ରେମପୂର୍ଣ୍ଣ ଭାବରେ ଆପଣଙ୍କ ପାପକୁ ଉନ୍ମୋଚନ କରେ ? ଯଦି ହଁ , ତେବେ ଆପଣଙ୍କୁ ଚେତନା ଦେବାପାଇଁ, ଆପଣ ସେହି ବାକ୍ୟକୁ ଅନୁମତି ଦିଅନ୍ତି କି ? କିମ୍ବା ଆପଣ ଆଦୌ ଦୁଃଖନକରି ପୁଣିଥରେ ଆପଣଙ୍କର ଲାଳସା ପ୍ରତି ଫେରିଯାନ୍ତି ?

ଯଦି ଆପଣ ପବିତ୍ର ଆତ୍ମାଙ୍କର ପ୍ରତିବନ୍ଧକ ସମ୍ବନ୍ଧୀୟ ସତର୍କ ବାଣୀକୁ ଅଗ୍ରାହ୍ୟ କରୁଛନ୍ତି - ଯଦିଆପଣ କୌଣସି ଆନ୍ତରିକ ଦୁଃଖ ବିନା ବାରମ୍ବାର ଈଶ୍ୱରଙ୍କର ଅବାଧ ହେଉଛନ୍ତି, ତେବେ ଆପଣ ଖ୍ରୀଷ୍ଟାରିର ଧର୍ମପଦ୍ଧତି ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଶୟତାନ ନୀରବରେ ଅପଣଙ୍କୁ ତାର ଅଧର୍ମର ନିଗୂଢ଼ ତତ୍ତ୍ୱରେ ଦୀକ୍ଷା ଦେଉଅଛି । ପୁଣି ଯେତେବେଳେ ଆକର୍ଷଣୀୟ, ଆଶ୍ଚର୍ଯ୍ୟକର୍ମ ସାଧନ କାରୀ ଖ୍ରୀଷ୍ଟାରି ଆସିବ, ସେତେବେଳେ ଆପଣ ତାର ମିଥ୍ୟାରେ ପ୍ରଭାବିତ ହୋଇ ଗୋଟିଏ ଭ୍ରାନ୍ତି ନିକଟରେ ସମର୍ପିତ ହେବେ ।

ପାଉଲ ଈଶ୍ୱରଙ୍କୁ ପ୍ରେମ କରୁ ନଥିବା ଓ ତାଙ୍କର ପବିତ୍ର ବାକ୍ୟର ଅବାଧ ହେଉଥିବା ବୁଝାମଣାକାରୀ ବିଶ୍ୱାସୀମାନଙ୍କୁ ଯାହା କହୁଛନ୍ତି, ତାହା ଶୁଣନ୍ତୁ: "ଯେଉଁମାନେ ସତ୍ୟରେ ବିଶ୍ୱାସ ନକରି ଅଧର୍ମରେ ସନ୍ତୁଷ୍ଟ ହୋଇ ଅଛନ୍ତି , ସେମାନେ ସମସ୍ତେ ଦଣ୍ଡର ପାତ୍ର ହୁଅନ୍ତି (୨ ଥେସଲନୀକୀୟ ୨:୧୨)। ଯେଉଁମାନେ ସେମାନଙ୍କ ଲାଳସା ସମ୍ବନ୍ଧୀୟ ସତ୍ୟ ଜାଣନ୍ତି, ମାତ୍ର ଈଶ୍ୱର ଯେ ସେମାନଙ୍କୁ ଦଣ୍ଡ ଦେବେ, ଏହା ବିଶ୍ୱାସ କରନ୍ତି ନାହିଁ, ସେମାନେ ସନ୍ତାପର ପାତ୍ର ଅଟନ୍ତି ।

ଏଠାରେ ଈଶ୍ୱରଙ୍କ ସତ୍ୟରେ ବିଶ୍ୱାସ କରି ତଦନୁସାରେ କାର୍ଯ୍ୟ ନକରିବାର ଘୃଣ୍ୟ ପରିଣତି ପ୍ରଦତ୍ତ ହୋଇଛି:

୧. ପାପର ପ୍ରତାରଣା ଦ୍ୱାରା ହୃଦୟ କଠୋର ହୋଇଯାଏ ।

୨. ଶୟତାନ ଯେପରି ଦଣ୍ଡର ସମସ୍ତ ଭୟରୁ ଆଶ୍ୱସ୍ତି ଦେଇ ପାରିବ, ଏଥିପାଇଁ ସେ ନିଜକୁ ଯଥାର୍ଥ ପ୍ରତିପାଦନ କରିବା ପାଇଁ କଠୋର ହୃଦୟ ଉପରେ କାର୍ଯ୍ୟ କରେ ।

୩. ଯେତେବେଳେ ସେହି ହୃଦୟ ସତ୍ୟକୁ ଗ୍ରହଣ କରି ଏହାର ବାଧ୍ୟ ହେବାର କୌଣସି ସମ୍ଭାବନା ଈଶ୍ୱର ଦେଖନ୍ତି ନାହିଁ, ସେତେବେଳେ ସେ ସେହି ବ୍ୟକ୍ତିକୁ ଶୟତାନିକ ଭ୍ରାନ୍ତି ନିକଟରେ ସମର୍ପଣ କରନ୍ତି ।

୪. ପାପର କୌଣସି ବେତନ ନାହିଁ, କୌଣସି ବିଚାର ଦିନ ନାହିଁ ଓ ସେ ନିଜର ଲାଳସାପୂର୍ଣ୍ଣ ଆମୋଦ ପ୍ରମୋଦରେ ଲିପ୍ତ ରହିସୁଦ୍ଧା ଦଣ୍ଡରୁ ଉର୍ଣ୍ଣିଯିବ - ଏହିପରି ମିଥ୍ୟା ଦ୍ୱାରା ବିଶ୍ୱାସୀ ଅନ୍ଧ ହୋଇଯାଏ ।

୫. ବିଶ୍ୱାସୀ ମନ୍ଦାତ୍ମାଗୁଡିକର ଶୀକାର ହୁଏ ଓ ମନ୍ଦକୁ ଭଲ ଓ ଭଲକୁ ମନ୍ଦ ବୋଲି ଭାବେ ।

୬. ସେ ଶେଷରେ ଖ୍ରୀଷ୍ଟଙ୍କଠାରୁ ଓ ସତ୍ୟଠାରୁ ଏତେ ଦୂରକୁ ଚାଲିଯାଏ ଯେ ସେ ଖ୍ରୀଷ୍ଟାରି ପ୍ରତି ଅନ୍ଧ ହୋଇଯାଏ ଓ ଶେଷରେ ତାକୁ ଈଶ୍ୱର ଭାବରେ ପୂଜା ଓ ସେବା କରେ ।

୭. ବିଚାର ଦିନରେ, ଈଶ୍ୱର ଏହିପରି ଗୋଟିଏ ବ୍ୟକ୍ତିକୁ କହିବେ, "ହେ ଅଧର୍ମଚାରୀମାନେ, ମୋ ଠାରୁ ଦୂର ହୁଅ ।

ପ୍ରିୟ ବନ୍ଧୁଗଣ, ଏହା ଆମ କାହାର ପଥ ହେବା ଉଚିତ୍ ନୁହେଁ । ଈଶ୍ୱର ଆମଠାରୁ ସମସ୍ତ ଭ୍ରାନ୍ତି ଦୂର କରି ଖ୍ରୀଷ୍ଟଙ୍କ କ୍ରୁଶର ଶକ୍ତି ମାଧ୍ୟମରେ ଆମକୁ ପାପ ଉପରେ ବିଜୟ ଦେବା ପାଇଁ ଏକ ନିୟମ ଯୁକ୍ତ ପ୍ରତିଜ୍ଞା କରିଛନ୍ତି । ସେ କେବଳ ଏତିକି କହୁଛନ୍ତି ଯେ ଆମେ ଆମ ପାପ ଉପରେ ଯୁଦ୍ଧ ଘୋଷଣା କରି କହିବା, "ମୁଁ ଏହି ପାପ ସହିତ ସନ୍ଧି କରିବି ନାହିଁ । ମୁଁ ଏଥିରେ ରହିବି ନାହିଁ । ହେ ପିତା, ଆପଣଙ୍କ ଆତ୍ମା ଦ୍ୱାରା ମୋତେ ଏଥିରୁ ଉଦ୍ଧାର କର !" ଯେତେବେଳେ ସେ ଏହି ପ୍ରାର୍ଥନା ଶୁଣିବେ, ସେତେବେଳେ ସେ ଏହିପରି ପବିତ୍ର ଆତ୍ମାଙ୍କ ଶକ୍ତି ଓ ଗୌରବକୁ ସ୍ୱର୍ଗରୁ ପ୍ରେରଣ କରିବେ ଯେ ଶୟତାନ ଆଉ ସୁଯୋଗ ପାଇବ ନାହିଁ ।

ବର୍ତ୍ତମାନ ଏହି ପ୍ରାର୍ଥନା କରନ୍ତୁ ଯେ ଈଶ୍ୱର ଆପଣଙ୍କଠାରେ ତାଙ୍କ ବାକ୍ୟ ପାଇଁ ଗୋଟିଏ ବଡ଼ ସମ୍ମାନ ଭାବ ସ୍ଥାପନ କରିବେ । ଆପଣଙ୍କୁ ଧର୍ମ ଶାସ୍ତ୍ର ପଠନରେ ଶୃଙ୍ଖଳିତ ହେବାରେ ସାହାଯ୍ୟ କରିବା ପାଇଁ ତାଙ୍କୁ କହନ୍ତୁ । ପୁଣି ଆପଣ ଯାହା ପଢନ୍ତି, ତାକୁ ହୃଦୟରେ ଗ୍ରହଣ କରିବାରେ, ଈଶ୍ୱର ଯାହା କହନ୍ତି, ତାହା କରନ୍ତି ବୋଲି ବିଶ୍ୱାସ କରିବାରେ ସାହାଯ୍ୟ କରିବା ପାଇଁ ଆତ୍ମାଙ୍କୁ କହନ୍ତି

*= ଆଚାର୍ଯ୍ୟ ଡେଭିଡ୍ ୱିଲକରସନ୍=*

●●●



# ଗାତରୁ ରାଜପ୍ରାସାଦ
## (PIT TO PALACE)
### (ପାଳକ ଏସ୍. ସାମ୍.ସେଲଭାରାଜଙ୍କ ଜୀବନାନୁଭୂତି)

"ଯେ ପାଠ କରେ , ସେ ବୁଝେ" (ମାଥିଉ ୨୪:୧୫)।

**"ଧାର୍ମିକମାନଙ୍କ ପ୍ରତି ସଦାପ୍ରଭୁଙ୍କର ଦୃଷ୍ଟି ଅଛି, ଓ ସେମାନଙ୍କ ଆର୍ତ୍ତନାଦ ପ୍ରତି ତାହାଙ୍କର କର୍ଣ୍ଣ ଅଛି (ଗୀତ ସଂହିତା ୩୪:୧୫)।**

ଆଜି ମୋର ସକାଳ ପ୍ରାର୍ଥନା ସମୟରେ, ପ୍ରଭୁ ମୋତେ ମୋ ସେବାକାର୍ଯ୍ୟର ଆଦ୍ୟ ଦିନ ଗଡଡିକୁ ସ୍ମରଣ କରାଇଥିଲେ । ସେ କିପରି ଯଥାର୍ଥଭାବରେ ମୋତେ ଚାଳନା ଦେଇଛନ୍ତି, ଏହା ମୋତେ ସ୍ପଷ୍ଟଭାବରେ ପ୍ରଦର୍ଶନ କରାଇଥିଲେ ।

ଈଶ୍ୱରଙ୍କର ଯଥାର୍ଥ ଚାଳନାକୁ ବର୍ଣ୍ଣନା କରିବାପାଇଁ ଶ୍ରୀଯୁକ୍ତ ପି.ଶିବ ପ୍ରକାଶମ୍ ନାମକ ମୋର ଜଣେ ବନ୍ଧୁ ମୋତେ ଯେଉଁ ପତ୍ର ଲେଖିଥିଲେ, ତାହା ମୁଁ ଆପଣମାନଙ୍କୁ ଦେଖାଇବି ।

"ପ୍ରିୟ ଭାଇ ସାମ୍ ସେଲଭାରାଜ୍,

ମୁଁ ଦୀର୍ଘଦିନରୁ ଆପଣଙ୍କୁ ଆପଣଙ୍କ କାର୍ଯ୍ୟ କଳାପ ବିଷୟରେ ଲେଖିବାକୁ ଇଚ୍ଛା କରି ଆସିଛି । ଯେଉଁ ସମୟରେ ଆପଣ ଆପଣଙ୍କ ସେବାକାର୍ଯ୍ୟ ଓ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି"ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛନ୍ତି, ସେତେବେଳେ ଆପଣଙ୍କ ସେବାକାର୍ଯ୍ୟ ଉପରେ ଥିବା ମୋର ହୃଦୟର ଚିନ୍ତାକୁ ପ୍ରତିଫଳିତ କରିବାରେ ଏହା ଏକ ସୁଯୋଗ ବୋଲି ମୁଁ ବିଚାର କରୁଅଛି ।

ପ୍ରଥମରେ, ମୁଁ ଆପଣଙ୍କୁ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକାର ପ୍ରତିଷ୍ଠାତା ଓ ମୁଖ୍ୟ ସଂପାଦକ ଭାବରେ ଅଭିବାଦନ ଜଣାଉଅଛି । ଆପଣ ବିଭିନ୍ନ ଅସୁବିଧା ଓ ଆହ୍ୱାନ ଗୁଡିକୁ ଅତିକ୍ରମ କରି ସୁବର୍ଣ୍ଣ ଜୟନ୍ତୀ ୨୦୧୯ରେ ପ୍ରବେଶ କରିବାପାଇଁ ସଫଳ ହୋଇଛନ୍ତି । ମୁଁ ସେହି ସମସ୍ତ ପରିଚାଳକ ଓ କର୍ମଚାରୀଙ୍କୁ ମଧ୍ୟ ଆନ୍ତରିକ ଅଭିବାଦନ ଜଣାଉଛି, ଯେଉଁମାନେ ଅତି କଠିନ ପରିଶ୍ରମ କରିଛନ୍ତି ।

ଯଦିଓ ଆପଣ କନ୍ୟାକୁମାରୀ ଜିଲ୍ଲାର ଗୋଟିଏ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ଓ ସାମ୍ୟବାଦ ଚିନ୍ତାଧାରା ନେଇ ଜୀବନ କାଟିଥିଲେ, ତଥାପି ଆପଣ ବିଗତ ୫୦ ବର୍ଷ ମଧ୍ୟରେ ପ୍ରଭୁଙ୍କ ସେମାକାର୍ଯ୍ୟରେ ବିଭିନ୍ନ କଷ୍ଟ, ପ୍ରତିବନ୍ଧକ, ପରିହାସ ଇତ୍ୟାଦି ଉପରେ ବିଜୟୀ ହୋଇଛନ୍ତି। ଆପଣଙ୍କର ଧୈର୍ଯ୍ୟ ଓ ସହିଷ୍ଣୁତା ଦ୍ୱାରା ଆପଣ ସେହି ସବୁ କଷ୍ଟକୁ ଦୂରକୁ ଠେଲି ଦେଇଛନ୍ତି ଓ ବର୍ତ୍ତମାନ ଆପଣ ଯେ ଯଥାର୍ଥ ଭାବରେ ପୁରସ୍କାର ଉପଭୋଗ କରୁଛନ୍ତି, ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ ।

ମୁଁ ପଛକୁ ଫେରି, ଯେତେବେଳେ ଆମେ ଏକତ୍ର ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲୁ, ସେହି ପୁରାତନ ଦିନ ଗୁଡିକୁ ଦେଖିବାକୁ ଚାହୁଁଛି । ସେହି ଦିନଠାରୁ ଯେ ୪୦ ବର୍ଷ ବିତିଗଲାଣି, ତାହା ଲକ୍ଷ୍ୟକଲେ ଆଶ୍ଚର୍ଯ୍ୟ ଲଗେ । ଆପଣ "ଆହ୍ୱାନର ପ୍ରତିଧ୍ୱନି"ରେ ଗର୍ତ୍ତରୁ ରାଜ ପ୍ରସାଦ ନାମ ପ୍ରବନ୍ଧରେ ସେହି ଦିନଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଆପଣଙ୍କର ସମସ୍ତ ମଧୁର ଓ ତିକ୍ତ ଅନୁଭୂତି ଗୁଡିକୁ ପ୍ରକାଶ କରୁଛନ୍ତି । ସେହି ଅନୁଭୂତି ଗୁଡିକ ସତ୍ୟ ଓ ଆପଣଙ୍କ ଜୀବନ ପ୍ରତି ସେଗୁଡିକର ଅନେକ ଅବଦାନ ରହିଛି ।

ମୁଁ ଏହା ଦେଖି ଅତି ଆନନ୍ଦିତ ଅଟେ ଯେ ଆପଣଙ୍କର ଅକ୍ଳାନ୍ତ ପରିଶ୍ରମ, ଆବେଗ, ଦୃଢତା ଓ ଅବିଚଳିତ ବିଶ୍ୱାସ ଆପଣଙ୍କୁ ଅତି ଉଚ୍ଚତାକୁ ନେଇ ଯାଇଛି ।

ଆପଣ କେବେହେଲେ କାହା ସହିତ ପ୍ରତିଦ୍ୱନ୍ଦିତା କରି ନଥିଲେ ଓ ଏହି ଦୌଡକୁ ଅତି ବେଗରେ ଦୌଡିଥିଲେ; କେହି ଏହି ଦୌଡରେ ଦୌଡିବା ପାଇଁ ଆପଣଙ୍କୁ ପଛରୁ ଠେଲି ନ ଥିଲା । ଆପଣ ନିଜେ ନିଜେ ଆରମ୍ଭ କରିଥିଲେ । ମୁଁ ଭଲ ଭାବରେ ଜାଣେ ଯେ ଆପଣ ଏହି ଅନୁଷ୍ଠାନକୁ ଦୃଢ ଭାବରେ ପ୍ରତିଷ୍ଠା କରିବାପାଇଁ ସମସ୍ତ ଦିଗରେ ଦୌଡିଛନ୍ତି, ଅନେକ ପ୍ରତିବନ୍ଧକ, ପ୍ରିୟ ବିଷୟ ଓ ଶତ୍ରୁତାକୁ ଭଗ୍ନ କରିଛନ୍ତି ଓ ନୈରାଶ୍ୟ, ବିଶ୍ୱାସଘାତକତା, ନିନ୍ଦା, ଇତ୍ୟାଦିର ସମ୍ମୁଖୀନ ହୋଇଛନ୍ତି । ଶେଷରେ ଆପଣ ଏହି ବିଜୟୀ ଲକ୍ଷ୍ୟରେ ପହଞ୍ଚିଛନ୍ତି । ମୁଁ ଜାଣିଛି ଯେ ଯଦିଓ ଆମେ ଅନ୍ୟମାନଙ୍କଠାରୁ ଅନେକ ପରାମର୍ଶ ନେଉ, ତଥାପି ଆମର ନିଷ୍ପତ୍ତି ହିଁ ସର୍ବୋତ୍ତମ ଅଟେ । ଆପଣ ନିଜର ସ୍ୱଚ୍ଛମନ ସହିତ ନେଇଥିବା ନିଷ୍ପତ୍ତି ଗୁଡିକୁ ଲକ୍ଷ୍ୟ କରି ମୁଁ ଏହା ବୁଝିଅଛି । ଆପଣଙ୍କର ନୀତି, "ଆଜିର କାର୍ଯ୍ୟ ଆଜି ସଂପୂର୍ଣ୍ଣ କର ଓ ଆଜି ହିଁ ଆସନ୍ତାକାଲି ପାଇଁ ଯୋଜନା କର"- ଏହା ଆପଣ କିଏ, ତାହା ପ୍ରମାଣ କରେ ! ମୁଁ ଲକ୍ଷ୍ୟ କରିଛି ଯେ ଯେଉଁ ଲୋକମାନେ ଭଦ୍ର ଓ ସମ୍ମାନସ୍ପଦ, ସେମାନଙ୍କ ପ୍ରତି ଆପଣ ଭଦ୍ର ଓ ସମ୍ମାନସ୍ପଦ ଅଟନ୍ତି ଓ ଯେଉଁମାନେ ସେମାନଙ୍କ ବ୍ୟବହାରରେ କଠୋର , ଆପଣ ସେମାନଙ୍କ ପ୍ରତି କଠୋର ଅଟନ୍ତି । ଏହି ସମସ୍ତ ଚରିତ୍ରିକ ଗୁଣ ପ୍ରମାଣ କରେ ଯେ ଆପଣ ପ୍ରକୃତ ନେତୃତ୍ୱର ଗୁଣ ସହିତ ଜଣେ ଶ୍ରେଷ୍ଠ ପ୍ରଶାସକ ଅଟନ୍ତି ।

ଯେତେବେଳେ ଆମେ ସରକାରୀ କାର୍ଯ୍ୟରେ ଥିଲେ, ସେତେବେଳେ ଅନେକ ଉଚ୍ଚ ପଦସ୍ଥ କର୍ମଚାରୀ ତଥା ସାଧାରଣ କର୍ମଚାରୀ ଆପଣଙ୍କ ପ୍ରତି ପ୍ରେମ ଦେଖାଉଥିଲେ। ଆପଣ ବିଭିନ୍ନ ପରିସ୍ଥିତିରେ ସେମାନଙ୍କୁ ଅନେକ ସାହାଯ୍ୟ କରିଥିଲେ । ଆପଣ ମୋତେ ଅନେକ ଥର କହିଛନ୍ତି ଯେ ସେମାନଙ୍କ ମଧ୍ୟରୁ ଅନେକ ଆପଣଙ୍କୁ ଜଟିଳ ସମସ୍ୟା ସମୟରେ ସହାୟତା କରିଥିଲେ ଓ ଅନେକ ପ୍ରତିବନ୍ଧକ ଦୂର କରିବାରେ ସାହାଯ୍ୟ କରିଥିଲେ। ସେମାନଙ୍କ ପ୍ରତି ଆପଣଙ୍କର କୃତଜ୍ଞତା ଆପଣଙ୍କ କୃତଜ୍ଞ ହୃଦୟ ଓ ଉଦାରତାକୁ ପ୍ରକାଶ ଓ ଘୋଷଣା କରେ । ସରକାର ମଧ ବିଶେଷ ଅନୁମୋଦନ ସହିତ ଆପଣଙ୍କୁ ସମ୍ମାନିତ କରିଅଛି ।

ମୁଁ ମଧ ଆପଣଙ୍କ ଦ୍ୱାରା ଅନୁଷ୍ଠିତ ପ୍ରାର୍ଥନା ସଭା ଓ ବିଭିନ୍ନ ସେବାକାଯ୍ୟ ଗୁଡିକୁ ଲକ୍ଷ୍ୟ କରିଛି । ସେଗୁଡିକ ମାଧମରେ ଅନେକ ଲୋକ ସେମାନଙ୍କ ସମସ୍ୟା ଓ ରୋଗରୁ ମୁକ୍ତି ପାଇଛନ୍ତି ଓ ଅନେକଙ୍କର ଅଶା ପୂରଣ ହୋଇଛି । ସମାଜର ନିମ୍ନ ଶ୍ରେଣୀର ଲୋକମାନେ ଆପଣଙ୍କ ସେବାକାର୍ଯ୍ୟ ମାଧମରେ ବହୁଳଭାବରେ ଉପକୃତ ହୋଇଛନ୍ତି । ଆପଣ ସେମାନଙ୍କୁ ଚିକିତ୍ସା ଓ ଶିକ୍ଷା ଯୋଗାଇ ଉନ୍ନତ କରିଛନ୍ତି । ଆପଣଙ୍କର ଏହି ସମସ୍ତ ସେବାକାର୍ଯ୍ୟ ଏପରି ମନେ ହୁଏ ଯେପରି ସେଗୁଡିକ ଆପଣଙ୍କ ହୃଦୟର ଗଭୀରତାକୁ ଯାଇଥିବା ଆପଣଙ୍କର "ଈଶ୍ୱର ପରାୟଣତାର ଫଳ ଅଟେ। ଯଦି ଚେନ୍ନାଇରେ ଆପଣ ଆପଣଙ୍କର ଆଦ୍ୟ ବର୍ଷ ଗୁଡିକରେ ରାଜନୀତି ପ୍ରତି ଆଗ୍ରହ ଦେଖାଇଥାନ୍ତେ, ତେବେ ଆପଣ ଆଜି କୌଣସି ରାଜନୈତିକ ଦଳର ଗୋଟିଏ ନେତା ହୋଇଥାନ୍ତେ । ଆପଣ ସଦାପ୍ରଭୁ ପରମେଶ୍ୱରଙ୍କ ଦ୍ୱାରା ଆହୂତ ଓ ଆଶୀର୍ବାଦ ପ୍ରାପ୍ତ ହୋଇଥିବାରୁ, ଆପଣ ଅତି ଦୃଢ ଭାବରେ ଆଧାତ୍ମିକତାରେ ରୋପିତ ହୋଇଛନ୍ତି ।

ଆଧାତ୍ମିକତା ଈଶ୍ୱରଙ୍କ ଇଚ୍ଛା ଅଟେ । ଆତ୍ମିକ ଶକ୍ତି ଗୌରବମୟ ଅଟେ ବୋଲି ଆପଣ ଦୃଢଭାବରେ ବିଶ୍ୱାସ କରୁଥିବାରୁ, ଏହି ବିଶ୍ୱାସ ଆପଣଙ୍କର ପ୍ରବର୍ତ୍ତନାମୂଳକ

**ଏଠାରୁ ଏହାକୁ କାଟି ପୂରଣ କରନ୍ତୁ ଓ ଆମ ନିକଟକୁ ପ୍ରେରଣ କରନ୍ତୁ ।**

'ଆହ୍ୱାନର ପ୍ରତିଧ୍ୱନି' ବହୁମୁଖୀ ସେବାକାର୍ଯ୍ୟ ପ୍ରଭୁଙ୍କର ସେବାକାର୍ଯ୍ୟ ବୋଲି ଆପଣମାନେ ବିଶ୍ୱାସ କରନ୍ତି କି ? ......................................

କୌଣସି ଉପାୟରେ "ଆହ୍ୱାନର ପ୍ରତିଧ୍ୱନି" ସେବାକାର୍ଯ୍ୟକୁ ସହାୟତା ପ୍ରଦାନ କରିବାକୁ ଆପଣ ଇଚ୍ଛା କରନ୍ତି କି ....................................

"ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପାଇଁ ଆପଣ ନିଜର ଉଦ୍‌ଯୋଗପୂର୍ଣ୍ଣ ପ୍ରାର୍ଥନା ଉତ୍ସର୍ଗ କରି ଆମର "ପ୍ରାର୍ଥନା-ସାଥୀ" ହେବାପାଇଁ ଇଚ୍ଛା କରିଛନ୍ତି କି ? ........................................................................................................................

ଆପଣ "ଆହ୍ୱାନର ପ୍ରତିଧ୍ୱନି ସେବାକାର୍ଯ୍ୟ" ପାଇଁ ଏକ ଛୋଟ ମାସିକ ଚାନ୍ଦା (୧୨ ମାସ ପର୍ଯ୍ୟନ୍ତ) ଦେଇ ଆମର 'ବିଶ୍ୱାସ-ସାଥୀ' ହେବାପାଇଁ ଇଚ୍ଛା କରନ୍ତି କି ?...........................................................................

ଦୟାକରି ଆମକୁ ଲେଖନ୍ତୁ -

**ECHO OF HIS CALL**

10, Mohammed Abdullah 2nd Street, Chepauk, Chennai - 600 005. India,

**Phone : (+91-44) 2852 8282, 2852 9293,** E-Mail : sam@echoofhiscall.org/biblecor@yahoo.co.in, Website: www.echoofhiscall.org.

RNI NO. 70105/98, Postal Regn. No. TN/CH (C)/198/18-20 WPP NO. TN/PMG(CCR)/WPP-265/18-20

ବଳ ହୋଇ ରହିଛି । ଆପଣଙ୍କଠାରେ ଆତ୍ମିକଶକ୍ତିର ବଳ ଲୁକ୍କାୟିତ ହୋଇ ରହିଥିବାରୁ ଆପଣଙ୍କ ଭବିଷ୍ୟତ୍ ଲକ୍ଷ୍ୟଗୁଡିକୁ ଯଥାର୍ଥ ଆକାର ଦେବା ସମ୍ବନ୍ଧରେ ଆପଣଙ୍କ ଚିନ୍ତା ଓ ଇଚ୍ଛା ଆପଣଙ୍କର ସମସ୍ତ କାର୍ଯ୍ୟକୁ ଅତି ସଫଳତା ପାଇବାର ସାମର୍ଥ୍ୟ ଦେଉଅଛି । ମୁଁ ଆପଣଙ୍କ ଜୀବନ ଶୈଳୀକୁ ଲକ୍ଷ୍ୟକରି ଏହି ସତ୍ୟକୁ ବୁଝିଅଛି ।

ସଦାପ୍ରଭୁ ପରମେଶ୍ୱର ଆପଣଙ୍କୁ ଅବୋଧଗମ୍ୟ ଜ୍ଞାନ ଓ ଶକ୍ତି ପ୍ରଦାନ କରିଛନ୍ତି । ଆପଣ ବିଭିନ୍ନ ପ୍ରକାର ଦୁଃଖ ମଧ ଦେଇ ଗତି କରିବା ସମୟରେ , ପଭୁ ନିଜେ ଆପଣଙ୍କ ସମ୍ମୁଖକୁ ଆସି ଆପଣଙ୍କୁ ଉଦ୍ଧାର କରିଛନ୍ତି । ପ୍ରଭୁ ଆପଣଙ୍କୁ ଏପରି ପରିବାର ସଦସ୍ୟମାନଙ୍କୁ ଦେଇଛନ୍ତି, ଯେଉଁମାନେ ଆପଣ ଭୋଗିଥିବା ସମସ୍ତ ବ୍ୟକ୍ତିଗତ ଦୁଃଖକୁ ଏକ ପରିପକ୍ୱ ହୃଦୟ ସହିତ ଗ୍ରହଣ କରିଛନ୍ତି । ଆପଣଙ୍କର କୌଣସି ସେବାକାର୍ଯ୍ୟ, ପ୍ରକାଶନ, ବାଇବଲ କଲେଜ ଓ ବିଦ୍ୟାଳୟ, ଇତ୍ୟାଦିର କାର୍ଯ୍ୟ ଗୁଡିକ ଯେପରି ଅସଫଳ ହେବନାହିଁ, ଏଥିପାଇଁ ପ୍ରଭୁ ଯେ ଆପଣଙ୍କୁ ଯୋଗ୍ୟ ଓ ଶକ୍ତିଶାଳୀ ପରିଚାଳକ ଓ କର୍ମଚାରୀମାନଙ୍କୁ ଯୋଗାଇଛନ୍ତି, ଏହାକୁ କେହି ଅସ୍ୱୀକାର କରି ପାରିବେ ନାହିଁ ।

ଆପଣ "ଆହ୍ୱାନର ପ୍ରତିଧ୍ୱନି" ର ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବା ସମୟରେ , ମୁଁ ଆପଣଙ୍କ ଶୁଭେଚ୍ଛୁ ଭାବରେ ଆମ ସହିତ ସଂପୃକ୍ତ ସମସ୍ତ ପ୍ରିୟ ଜନମାନଙ୍କୁ ସ୍ମରଣ କରିବାକୁ ଇଚ୍ଛା କରୁଅଛି । ଆମର ଅଷ୍ଟ୍ରେଲିୟ ବନ୍ଧୁ ଶ୍ରୀଯୁକ୍ତ ହେଡ଼ନ ହଟନ ଓ ଡଃ.ବି.ଜେ. କ୍ରିଷ୍ଣମୂର୍ତ୍ତି ମୋର ବିବାହରେ ଯୋଗଦେଇ ଆମକୁ ଶୁଭେଚ୍ଛା ଜଣେଇଥିଲେ । ମୁଁ ସେହି ଘଟଣାକୁ ଭୁଲି ପାରିବି ନାହିଁ । ଆହୁରି ମଧ, ସରକାରୀ ଚାକିରୀରେ ଥିବା ସମୟରେ, ଶ୍ରୀଯୁକ୍ତ ସି.ମୁଥୁ.ଡି.କେ ଏଲୁଶା, ରହମାନ ବାସା, ବାଲକ୍ରିଷ୍ଣନ୍, ମୁନୁସ୍ୱାମୀ, ଗଜେନ୍ଦ୍ରନ୍, ଜୈନୁଲାବୁଦ୍ଦିନ, ପରାନ୍ଥମନ୍, ରାମମୂର୍ତ୍ତି, ଥାଙ୍ଗାଭେଲୁ, ଶ୍ରୀମତୀ ପଲଭାନ୍ନସ, ଶ୍ରୀମତୀ ଟି.ଭି.ସାବିତ୍ରୀ, ଶ୍ରୀମତୀ ଜେୟାକୁମାରୀ, ଶ୍ରୀମତୀ ରାଜେଶ୍ୱରୀ, ଶ୍ରୀମତୀ କ୍ରିଷ୍ଣାଭେନୀ, ଶ୍ରୀମତୀ ରାମିଶା ବିବି, ଓ ଆପଣଙ୍କର ଅଦ୍ୟ ସେବାକାର୍ଯ୍ୟ ସମୟରେ ଆପଣଙ୍କର ସହକର୍ମୀ ଶ୍ରୀଯୁକ୍ତ ଡି.ଡବ୍ଲ୍ୟୁ ଦେବକନ୍ଦନ, ଜେ.ଆର୍.ସୌନ୍ଦରରାଜ, ଆର. ଇ.ଜେୟାରାଜ୍, ଜେୟାକୁମାର ମହାରାଜ, ଜି.ଜେପଲ୍ମନି, ଡି.ରିଚାର୍ଡ ଥମ୍ପିରାଜ୍, ଏନ୍ ଶ୍ୟାମ ସୁନ୍ଦର ଓ ଏମ୍ ପଲ୍ରାଜ ଙ୍କ ଭଳି ଆମର ଅନେକ ବନ୍ଧୁଙ୍କର ବନ୍ଧୁତାକୁ ସ୍ମରଣ କରି ମୁଁ ଆନନ୍ଦିତ ଅଟେ ।

ବିଶ୍ରାମ ବିନା କ୍ଷିପ୍ରଭାବରେ କାର୍ଯ୍ୟ କରିବା ଆପଣଙ୍କ ପାଇଁ ସ୍ୱାଭାବିକ ଅଟେ । ମାତ୍ର ଆପଣଙ୍କ ପାରିବାରିକ ପରିବେଶ ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଯୋଗୁ ଆପଣଙ୍କ କାର୍ଯ୍ୟର ଗତିକୁ ହ୍ରାସ କରି ଶାନ୍ତ ଭାବରେ କାର୍ଯ୍ୟ କରିବା ପାଇଁ ଆପଣଙ୍କୁ ମୋର ବିନମ୍ର ଅନୁରୋଧ ।

ଗୋଟିଏ ଲୋକ କଥା ଅନୁସାରେ , "ଉତ୍ତମ ଲୋକଙ୍କର ବନ୍ଧୁତା ମଧୁର ଅଟେ ।" ଆମର "ବନ୍ଧୁତା ରୂପକ ସେତୁ ସର୍ବଦା ଦୃଢଭାବରେ ଦଣ୍ଡାୟମାନ ରହୁ" ବୋଲି ମୋର ଏକମାତ୍ର ପ୍ରାର୍ଥନା ।

ଆପଣଙ୍କ "ଆହ୍ୱାନର ପ୍ରତିଧ୍ୱନି" ପତ୍ରିକା ନିରନ୍ତର ପ୍ରକାଶିତ ହେଉ ବୋଲି ମୁଁ ଶୁଭେଚ୍ଛା ଜଣାଉଛି । ଆପଣଙ୍କର ଆତ୍ମଜୀବନୀ ପ୍ରକାଶ ପାଇଁ ଆପଣଙ୍କ ଉଦ୍ୟମ ମଧ ସଫଳ ହେଉ ।

**ଆପଣଙ୍କର ଚିରନ୍ତ ବନ୍ଧୁ**
**ପି. ଶବପ୍ରକାଶମ୍**

ପ୍ରିୟ ପାଠକ, ଏହି ଦୀର୍ଘ ବାର୍ତ୍ତାକୁ ଧୈର୍ଯ୍ୟର ସହିତ ପଢିଥିବାରୁ ଆପଣଙ୍କୁ ଧନ୍ୟବାଦ୍ । ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ପ୍ରତି ସମସ୍ତ ସମ୍ମାନ ଓ ଗୌରବ ହେଉ। "ଅକ୍ଷୟ, ଅଦୃଶ୍ୟ, ଅଦ୍ୱିତୀୟ ଈଶ୍ୱର, ଯେ ଅନନ୍ତ କାଳୀନ ରାଜା, ତାହାଙ୍କ ସମ୍ଭ୍ରାମ ଓ ଗୌରବ ଯୁଗେ ଯୁଗେ ହେଉ । ଆମେନ୍" (୧ତୀମଥି ୧:୧୭) । -ଏସ୍. ସାମ୍.ସେଲଭାରାଜ୍-

## ଦୟାକରି ଆମର ସେବାକାର୍ଯ୍ୟନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧମରେ ବାଇବଲ ପାଠ୍ୟକ୍ରମ,ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ,ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡିଆ , ନେପାଳୀ,ଆସାମୀ, ପଞ୍ଜାବୀ , ଉର୍ଦ୍ଦୁ , ସିଂହଳ ଓ ଆଫ୍ରିକାନସ୍ )
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟିକେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ଚଳଚ୍ଚିତ୍ର ସେବା ଓ ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ।
୧୩. ତାମିଲ ଉପାସନା - ରବିବାର ସକାଳ ଘ. ୫.୦୦,୭.୦୦ ଓ ସକାଳ ୧୦.୦୦
୧୪. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ.୪.୦୦
୧୫. ହିନ୍ଦୀ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୬. ମାଲୟାଲାମ୍ ଉପାସନା - ରବିବାର ସଂଧ୍ୟା ଘ. ୫.୦୦
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସଂଧ୍ୟା ୬.୦୦ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ - ରବିବାର ଅପରାହ୍ଣ ଘ. ୪.୦୦ ଘଟିକା ।
୧୯. ମହିଳା ମାନଙ୍କର ପ୍ରାର୍ଥନା ସଭା - ବୁଧବାର ସଂଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ-ସପ୍ତାହ ବାଇବଲ ଅଧ୍ୟୟନ - ବୁଧବାର ସଂଧା ଘ. ୬.୩୦ ମିନିଟ୍ ।
୨୧. ପୁରୁଷ ମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସଂଧ୍ୟା ୬.୩୦ମିନିଟ୍ ।
୨୨. ଶନିବାର ଉପାସନା - ଶନିବାର ସନ୍ଧ୍ୟା ୫.୦୦ ଘଟିକା
୨୩. କର୍ମଚରୀ ମାନଙ୍କର ସଭା - ଶନିବାର ସଂଧ୍ୟା ୬.୦୦ ଘଟିକା।
୨୪. ଗୃହ ସଭା - ମଙ୍ଗଳବାର , ଗୁରୁବାର, ସଂଧା ଘ. ୬.୩୦ ମିନିଟ୍ ।
୨୫ ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୬. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସଂଧା ୫.୩୦ ଘଟିକା ।
୨୭. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସଂଧା ୪.୦୦ ଘଟିକା ।
୨୮. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି. (ରାତ୍ର)
୨୯. ଉପବାସ ପ୍ରାର୍ଥନା - ପ୍ରଥମ ଶନିବାର ସକାଳ ୯ .୩୦ଘଟିକା
୩୦. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା
୩୧. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ.୫.୦୦
୩୨. କର୍ମଚାରୀ ମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ମି.
୩୩. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ.୯.୦୦ମି. ଠାରୁ ରାତ୍ର ୯.୦୦(ରବିବାର ବ୍ୟତୀତ)

**RNI NO. 70105/98**
**Postal Regn. No. TN/CH/(C)/198/18-20**
**WPP NO. TN/PMG(CCR) / WPP- 265/18-20**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 19th NOVEMBER 2018**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957,**
**Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

To

*GOD BLESS YOU!*

Owned and published by **S. Sam Selva Raj** from No.18, Mohammed Abdullah Street, Chepauk, Chennai-600 005 and printed by him at **Echo of His Call Printers** No. 18, Mohammed Abdullah Street, Chepauk, Chennai-600 005. Editor: **S. Sam Selva Raj.**